ବର୍ଷ-୨୫, ସଂଖ୍ୟା-୧୬୦
ଭୁବନେଶ୍ୱର
୧୨, ଜୁନ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 160
Bhubaneswar
12, June, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମା' ହେଲେ ଅଭିନେତ୍ରୀ ଜିନା

DADLS-29

ଓଡ଼ିଶା ଶାସନ

# କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଲୋକଙ୍କ ପାଇଁ, ଲୋକଙ୍କ ସରକାର

କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ

ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

## ମହିଳା ସଶକ୍ତିକରଣ

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ

୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

## କୃଷି ଓ କୃଷକ ସଶକ୍ତିକରଣ

ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା

ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା

ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା

ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୂର୍ଦ୍ଧ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

## ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ

ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

## ଗ୍ରାମୀଣ ଭିତ୍ତିଭୂମି ବିକାଶ

ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା

୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ

ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

## ଜନଜାତି ବିକାଶ

ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ

ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା

ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

## ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ

ଅଦ୍ୟାବଧୀ ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ

ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି

ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

## ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ

ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮ ଲକ୍ଷ ନିଯୁକ୍ତି ସୃଷ୍ଟି

କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି

ଖୋର୍ଦ୍ଧାରେ ୫,୭୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0692/25-26

## କଖାରୁ ଫୁଲ ଅଣ୍ଡା ଚପ୍

**ଆବଶ୍ୟକ ସାମଗ୍ରୀ:** ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





**ଖବର**

## ଆସିଲା 'ପଞ୍ଚାୟତ ୪' ଟ୍ରେଲର: ସମୟ ପୂର୍ବରୁ ଆସିବ ସିରିଜ୍




'ପଞ୍ଚାୟତ ୪' ସିରିଜକୁ ଦର୍ଶକ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ତେବେ ପ୍ରଥମେ ଏହାର ମୁକ୍ତିଲାଭ ତାରିଖ ୨ ଜୁଲାଇ ସ୍ଥିର କରାଯାଇଥିଲା, କିନ୍ତୁ ଦର୍ଶକଙ୍କ ଅଧୈର୍ଯ୍ୟତାକୁ ଦେଖି ନିର୍ମାତାମାନେ ଏହାକୁ ସମୟ ପୂର୍ବରୁ ରିଲିଜ୍ କରିବାର ବ୍ୟବସ୍ଥା କରିଛନ୍ତି। ବୁଧବାର ସିରିଜ୍ର ନୂଆ ରିଲିଜ୍ ତାରିଖ ଘୋଷଣା କରାଯାଇଛି। ଏଥିସହ ଟ୍ରେଲର ମଧ୍ୟ ରିଲିଜ୍ କରାଯାଇଛି। ଟ୍ରେଲରରେ ଏଥର ଫୁଲେରା ଗାଁର ପ୍ରଧାନୀ ନିର୍ବାଚନର ଝଲକ୍ ଦେଖିବାକୁ ମିଳିଛି।ଟ୍ରେଲରଟି ବେଶ୍ ଆକର୍ଷଣୀୟ। ଚତୁର୍ଥ ସିଜନରେ ଫୁଲେରା ଗାଁରେ ପ୍ରଧାନୀ ନିର୍ବାଚନ ହେଉଛି। ମଞ୍ଜୁ ଦେବୀ ଓ କ୍ରାନ୍ତି ଦେବୀ ମୁହାଁମୁହିଁ ହେଉଛନ୍ତି ଏବଂ କଡ଼ା ପ୍ରତିଯୋଗିତା ହେଉଛ। ସଚିବ ଜୀଙ୍କଠାରୁ ରିଙ୍କି ପର୍ଯ୍ୟନ୍ତ ସମସ୍ତେ ପ୍ରଚାରରେ ବ୍ୟସ୍ତ। ଏଥର ପ୍ରଚାର ସମୟରେ ସଚିବ ଜୀ(ଜିତେନ୍ଦ୍ର କୁମାର)ଙ୍କୁ ମାଡ଼ ମଧ୍ୟ ହେଉଛି। ଗ୍ରାମ ପଞ୍ଚାୟତ ନିର୍ବାଚନରେ ଭୋଟର ଏବଂ ପ୍ରାର୍ଥୀଙ୍କ ମନସ୍ତ□ ଏବଂ ଆଚରଣକୁ ଏହି ସିରିଜ୍ରେ ଦେଖାଇବାକୁ ଚେଷ୍ଟା କରାଯାଇଛି।ଟ୍ରେଲରରେ 'ପଞ୍ଚାୟତ' ସିରିଜ୍ର ସମସ୍ତ ଲୋକପ୍ରିୟ ଚରିତ୍ର ପ୍ରହ୍ଲାଦ ଚା, ପ୍ରଧାନ ଜୀ, ମଞ୍ଜୁ ଦେବୀ, ସଚିବ ଜୀ, ବନରାକସ, ବିକାଶ, ରିଙ୍କି ଏବଂ ବିନୋଦଙ୍କ ଝଲକ୍ ଦେଖିବାକୁ ମିଳିଛି। ଏଥର ମଞ୍ଜୁ ଦେବୀ ଅଧିକ ଆକ୍ରମଣାତ୍ମକ ମନୋଭାବରେ ନଜର ଆସିଛନ୍ତି। ଗ୍ରାମା□ଳରେ ନିର୍ବାଚନ ପ୍ରଚାର କିପରି କରାଯାଏ ଏବଂ ଭୋଟରମାନଙ୍କ କିପରି ନିଜ ପକ୍ଷକୁ ଆକର୍ଷିତ କରାଯାଏ, ତାହା ମଧ୍ୟ ହାସ୍ୟରସପୂର୍ଣ୍ଣ ଢଙ୍ଗରେ ଦର୍ଶାଯାଇଛି।ଏହି ସିଜନରେ ରିଙ୍କି ଏବଂ ସଚିବ ଜୀଙ୍କ ପ୍ରେମ କାହାଣୀ ମଧ୍ୟ ଆଗକୁ ବଢ଼ୁଛି।ୟ ଦର୍ଶକଙ୍କ ଉତ୍ସାହକୁ ଦେଖି ସିରିଜକୁ ସମୟ ପୂର୍ବରୁ ରିଲିଜ କରିବାକୁ ସ୍ଥିର କରାଯାଇଛି। 'ପଞ୍ଚାୟତ ୪' ଏବେ ଜୁଲାଇରେ ନୁହେଁ, ବରଂ ଜୁନ୍ରେ ମୁକ୍ତିଲାଭ କରିବାକୁ ଯାଉଛି। ଜୁନ୍ ୨୪ ତାରିଖରୁ ପ୍ରାଇମ୍ ଭିଡିଓରେ ଦେଖିପାରିବେ 'ପଞ୍ଚାୟତ ୪'। ଗତ ତିନୋଟି ସିଜିନ୍ ଧରି ଏହି ସିରିଜ୍ ଦର୍ଶକଙ୍କର ଖୁବ୍ ମନୋରଞ୍ଜନ କରିଛି। ଏବେ ଦେଖାଯାଉ ଚତୁର୍ଥ ସିଜନ୍ରେ କାହାଣୀ କେଉଁଠି ପହଞ୍ଚୁଛି।

## ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ



ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚାରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।

ˎ ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।

ˎ ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।

ˎ ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

## ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ। ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?

**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

♦ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

♦ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ରେ ଏହା ଭଲ ଫଳାଫଳ ଦେଖାଏ।

♦ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

♦ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

♦ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

♦ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

## ପ୍ରତିଦିନ ଡାଏଟରେ ସାମିଲ୍ କରନ୍ତୁ ତେନ୍ତୁଳି ଜୁସ୍





ଅଧିକାଂଶ ଲୋକ ମିଠା ଏବଂ ଖଟା ଖାଇବାକୁ ପସନ୍ଦ କରନ୍ତି। ସେ ଜୁସ୍ ହେଉ କିମ୍ବା ଚଟନି। ସେହପରି ତେନ୍ତୁଳି ଏକ ପ୍ରକାରର ଖଟା ଯାହାକୁ ସମସ୍ତେ ଖାଇବାକୁ ଇଚ୍ଛା କରନ୍ତି । କୁହାଯାଏ କି ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଫାଇବର ଭଳି ଉପାଦାନ ରହିଥାଏ। ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଯଦି ଆପଣ ନିଜ ଡାଏଟରେ ସାମିଲ୍ କରିବାକୁ ଚାହାଁନ୍ତି, ତେବେ ଆପଣ ଏହାକୁ ଜୁସ୍ ଆକାରରେ ପିଇ ପାରିବେ।

**ଓଜନ ହ୍ରାସ:** ତେନ୍ତୁଳି ଜୁସ୍ ଖୁବ୍ ଉପକାରୀ ଅଟେ। ତେନ୍ତୁଳି ରସରେ ସାମାନ୍ୟ ଡାଇୟୁରେଟିକ୍ ଗୁଣ ରହିଛି ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏଥିରେ ଫାଇବରର ମାତ୍ରା ଭରପୂରଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଭିତରର ସିଷ୍ଟମକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରିବ।

**ହାର୍ଟ ସମସ୍ୟା ହ୍ରାସ୍:** ତେନ୍ତୁଳି ଜୁସ୍ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହାକୁ ପ୍ରତିଦିନ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରଣ ରଖିଥାଏ।

**ହଜମ ପ୍ରକ୍ରିୟା ଭଲ ହେବ:** ତେନ୍ତୁଳି ଜୁସ୍ ହଜମ ପାଇଁ ଅତ୍ୟନ୍ତ ଲାଭଦାୟକ। ଶରୀର ସୁସ୍ଥ ରହିବା ସହ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିଥାଏ। ଅମୃତଭଣ୍ଡା, କୋଷ୍ଠକାଠିନ୍ୟ, ପେଟ ଫାଟିଯିବା କିମ୍ବା ଫୁଲିବା ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ତେନ୍ତୁଳି ଜୁସ୍ ଖୁବ୍ ଲାଭଦାୟକ।

**ସୌନ୍ଦର୍ଯ୍ୟ ବୃଦ୍ଧି:** ବାହ୍ୟ ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ, ଆମେ ମୁହଁରେ ବହୁତ କିଛି କରିଥାଉ। ଏଥିପାଇଁ ଚର୍ମ ଭିତରରୁ ପୋଷଣ ମିଳିବା ନିହାତି ଆବଶ୍ୟକ। ଯେଉଁଥିପାଇଁ ସୁସ୍ଥ ଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ପରିସ୍ଥିତିରେ ପ୍ରତିଦିନ ଏହି ଜୁସ୍ ପିଇବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିପାରେ । ଏଥିରେ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଥାଏ। ଯାହ ଚର୍ମର ଗଠନକୁ ସଜାଡ଼ିବାରେ ସାହାଯ୍ୟ କରିବ।

## ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା



ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ୍ୟ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ ।

ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରାଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

# ଗଜାନନ ବେଶରେ ଦର୍ଶନଦେଲେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ,୧୧।୬ (ମହାଭାରତ):** ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ବା ଦେବ ସ୍ନାନପୂର୍ଣିମାରେ ସ୍ନାନବେଦୀରେ ମହାର୍ଘ୍ୟ ଗଜାନନ ବା ହାତୀବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ । ଅତ୍ୟନ୍ତ କମନିୟ ଭାବେ ମହାପ୍ରଭୁଙ୍କୁ ଏହି ଦୁର୍ଲଭ ହାତୀଦେଶରେ ସଜ୍ଜିତ କରାଯାଇଥିବା ବେଳେ ବେଶ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଦେଖୁବାକୁ ମିଳିଥିଲା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ । ହରିବୋଲ ହୁଳହୁଳି ଧ୍ୱନୀରେ କମ୍ପୁଥିଲା ବଡ଼ଦାଣ୍ଡ । ସ୍ନାନପୂର୍ଣିମା ପାଇଁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଶ୍ରୀମନ୍ଦିରରେ ଶ୍ରୀମୁଖ ଖଣ୍ଡୁଆ ପରେ ଦଇତାପତି ମାନଙ୍କ ଦ୍ୱାରା ବାହୁଟକଂଟ ନୀତି ସଂପାଦିତ ହୋଇଥିଲା। ଏହାପରେ କୋଠ ସୁଆଁସିଆ ମାନେ ଚାରବାନ୍ଧିବା ପାଇଁ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। କୋଠ ସୁଆଁସିଆ ବାହାରିବା ପରେ ଦଇତାପତି ମାନଙ୍କ ଦ୍ୱାରା ସେନାପଟା ଲାଗି କରାଯାଇଥିଲା । ସେନାପଟା ଲାଗି ପରେ ମଙ୍ଗଳ ଆଳତି ନୀତି ସଂପାଦିତ ହୋଇଥିଲା । ପ୍ରଥମେ ବରୁଣ ପୂଜାପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ପୂଜାପଣ୍ଡା, ଶ୍ରୀବଳରନ୍ନ୍ଙ୍କ ବାଡ଼ରେ ମୁଦିରସ୍ତ ଓ ଦେବୀ ସୁଭଦ୍ରାଙ୍କ ବାଡ଼ରେ ପତିମହାପାତ୍ର ମଙ୍ଗଳାର୍ପଣ କରିଥିଲେ । ମଙ୍ଗଳାର୍ପଣ ନୀତିପରେ ନିର୍ଦ୍ଧାରିତ ନୀତିକାନ୍ତ ଅନୁଯାଇ ଘଂଟ ଘଂଟୁଆଙ୍କ ସହ ବିଜେ କାହାଳୀରେ ସ୍ନାନବେଦୀକୁ ପହଣ୍ଡି ଆରମ ହୋଇଥିଲା । ଧାଡ଼ି ପହଣ୍ଡିରେ ପ୍ରଥମେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ସ୍ନାନବେଦୀକୁ ବିଜେ କରିଥିଲେ । ଜଗମୋହନକୁ ଆସିବାପରେ ସାତପାହାଚ ନିକଟରେ ଶ୍ରୀଜୀଉମାନଙ୍କୁ ଟାହିଆ ଲଗାଯାଇଥିଲା । ଘଂଟଘଂଟା ବାଦନ ମଧ୍ୟରେ ଦଇତାପତି ଓ ଅନ୍ୟାନ୍ୟ ସେବାୟତ ମାନେ ଠାକୁରଙ୍କୁ ପହଣ୍ଡି କରିଆଣି ସ୍ନାନମଣ୍ଡପରେ ବିଜେ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଶୀତଳା ଦେବୀଙ୍କ ମନ୍ଦିର ସମ୍ମୁଖରେ ଥିବା ସ୍ୱର୍ଣ୍ଣକୂପରୁ ୧୦୮ କୁମ୍ଭଗରା ଅଧିବାସ ଗୃହକୁ ଅଣାଯାଇ ରଖାଯାଇଥିଲା । ଅଧିବାସ ଗୃହରେ କୁମ୍ଭଜଳରେ ଚନ୍ଦନ, କର୍ପୂର, କେଶର ଆଦି ମିଶ୍ରିତ କରାଯିବା ସହ ତାହା ଉପରେ ନାରିକେଳ ସଂସ୍ଥାପନ ପୂର୍ବକ ବସ୍ତ୍ରରେ ଆଚ୍ଛାଦନ କରାଯାଇଥିଲା । ଅଧିବାସ ଗୃହରେ ଥିବା ଜଳକୁ ଷୋଡ଼ଶ ଉପଚାରରେ ପୂଜାକରି ସ୍ନାନବେଦୀକୁ ନିଆଯାଇଥିଲା । ଠାକୁର ମାନେ ସ୍ନାନବେଦୀରେ ବିଜେ କଲାପରେ ରୁନ୍ଧାବର୍ଦ୍ଧି ଦୈନନ୍ଦିନ ନୀତି ମଙ୍ଗଳଆଳତା, ମଇଲମ ତଡପ ଲାଗି ଶ୍ରୀମୁଖ ଧୋପଖାଳ ଅବକାଶ, ବେଶ, ରୋଷହୋମ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସଂପନ୍ନ ହୋଇଥିଲା । ଏହାପରେ ଜଳଛେକ ପୂଜା ବସିବା ନିମନ୍ତେ ଟେରାବନ୍ଧା ଯାଇଥିଲା । ଜଳଛେକ ପୂଜାଶେଷ ହେବାପରେ ସୁବାସିତ ଜଳକୁମ୍ଭ ଗୁଡ଼ିକ ଛତି, ହାସ ଓ ବିଜେ କାହାଳୀ ବାଦନ ମଧ୍ୟରେ ଜଳକୁମ୍ଭ ଗୁଡ଼ିକୁ ସ୍ନାନବେଦୀକୁ ସେବାୟତ ମାନେ ଆଣିଥିଲେ । ଶ୍ରୀଜଗନ୍ନାଥଙ୍କ ନିମନ୍ତେ ୩୫କୁମ୍ଭ, ଶ୍ରୀବଳଭଦ୍ରଙ୍କ ନିମେନ୍ତ ୩୩ ,ଦେବୀ ସୁଭଦ୍ରାଙ୍କ ନିମନ୍ତେ ୨୨କୁମ୍ଭ ଓ ସୁଦର୍ଶନଙ୍କ ନିମନ୍ତେ ୧୮ କୁମ୍ଭ ଜଳ ସ୍ନାନବେଦୀରେ ରଖାଯାଇଥିଲା । ବିଧିପୂର୍ବକ ପୂଜା ବଢ଼ିବାପରେ ମେକାପଙ୍କ ରୂପା ପିଙ୍ଗଣରେ ଅଧିବାସ ଜଳକୁ ଢ଼ଳାଯାଇଥିଲା। ସେହି ଜଳକୁ ନେଇ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କୁ ଜଳଲାଗି କରିଥିଲେ। ସ୍ନାନ ଯାତ୍ରା ଦେଖୁବାପାଇଁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତ ମେଘମୁକ୍ତ ଖରା ଛାଇ ଲୁଚୁକାଳି ଖେଳ ସହ ଆକାଶର ଚାନ୍ଦୁଆ ତଳେ ଛିଡ଼ା ହୋଇ ଏହି ପବିତ୍ର ସ୍ନାନ ଦର୍ଶନ କରିଥିଲେ । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ହୋଇଉଠିଥିଲା ପ୍ରକମ୍ପିତ । ରୀତିନୀତି ଅନୁଯାୟୀ ଏହି ନୀତିକାନ୍ତି ପରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବା କଥା ମାତ୍ର ଜଗତଗୁରୁ ପୁରୀରେ ଅନୁପସ୍ଥିତ ଥିବାରୁ ଏହି ନୀତି ପରେ ସ୍ନାନମଣ୍ଡପରେ ଛେରାପହଁରା କାର୍ଯ୍ୟ କରାଯାଇଥିଲା। ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ଶ୍ରୀନଅରରୁ ଏକ ପଟୁଆରରେ ଆସି ସ୍ନାନମଣ୍ଡପରେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ ।



# ଜାଲ ସାର୍ଟିଫିକେଟ୍ ରେ ଜିଡିଏସ୍ ଚାକିରି ମାମଲାରେ ଆଉ ୫ ଗିରଫ

**ଭୁବନେଶ୍ୱର,୧୧।୬ (ମହାଭାରତ):** ଜାଲ ଶିକ୍ଷା ଗତ ପ୍ରମାଣ ପତ୍ର ପ୍ରଦାନ କରି ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଚାକିରି ପାଇବାକୁ ଉଦ୍ୟମ କରିବା ଅଭିଯୋଗରେ ରାଜ୍ୟ କ୍ରାଇମବ୍ରାଂଚ ଟିମ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହିତ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି।

ଗିରଫ ହୋଇଥିବା ୫ ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ଥାନା ମୁରିବାହଲର କୁଳମଣି ରାଣା (୨୪), ବଲାଙ୍ଗୀର ସଦର ଥାନା କୁଟମଦୋଳାର ଅଜାଉଦିନ କୁମ୍ଭାର (୨୮), ଜଗନ୍ନାଥ ପଡାର ରଜତ କୁମାର ନାଏକ (୩୨), ବଲାଙ୍ଗୀର ଥାନା ଅଂଚଳର ସୁଧିର ଭୁଏ (୨୭) ଏବଂ ସୁବର୍ଣ୍ଣପୁର ଅଂଚଳର ତୋଫାନ ବାଗ (୪୫) ।

ପୂର୍ବରୁ ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଅଭିଜିତ କୁମାର ଭକତ, ବଲାଙ୍ଗୀର ଟାଉନ ରିଲାଏନ୍ସ ଏଜୁକେସନ କମ୍ପ୍ଲେକ୍ସର ମାଲିକ ମନୋଜ ମିଶ୍ର ଏବଂ ଆଲୋକ ରଞ୍ଜନ ଉଦଗାତାଙ୍କ ସମେତ ଏହି ରାକେଟ ସହିତ ଜଡିତ ଅନ୍ୟ ୧୭ ଜଣଙ୍କୁ ଗିରଫ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ଜାନୁଆରୀ ମାସରେ ଗ୍ରାମୀଣ ଡାକ ସେବକ (ଜିଡିଏସ୍)ରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ଚାକିରି ନିମନ୍ତେ ହଜାର ହଜାର ସଂଖ୍ୟାରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ତେବେ କିଛି ପରୀକ୍ଷାର୍ଥୀ ଜାଲ ଶିକ୍ଷାଗତ ପ୍ରମାଣ ପତ୍ର ପ୍ରଦାନ କରି ଚାକିରୀ ପାଇବାକୁ ଉଦ୍ୟମ କରୁଥିବା ସଂକ୍ରାନ୍ତରେ ବଲାଙ୍ଗୀର ଡିଭିଜନର ଡାକଘର ସୁପରିଂଟେଣ୍ଡେଂଟ ଶ୍ରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଥିଲେ।

# ରାଇଘର ଚାଷୀଙ୍କ ଆନ୍ଦୋଳନକୁ ବିଜେଡିର ସମର୍ଥନ

**ଭୁବନେଶ୍ୱର,୧୧।୬ (ମହାଭାରତ):** ଅବିଭକ୍ତ କୋରାପୁଟ ଜିଲ୍ଲାରେ ୩୪୪ ଜଣ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଚାରି ମାସ ପରେ ମଧ୍ୟ ମିଳି ନଥିବାରୁ, ଚାଷୀ ସମାଜ ମଧ୍ୟରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ଚାଷୀମାନଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ ଦାବୀରେ ଚାଷୀ ସଂଗଠନ ତରଫରୁ ଆସନ୍ତା ୧୨ ଜୁନରେ ରାଇଘରରେ ୧୨ ଘଣ୍ଟିଆ ବନ୍ଦ ସହିତ କଳା ଦିବସ ପାଳନ ପାଇଁ ଡାକରା ଦିଆଯାଇଛି । ଚାଷୀମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଡାକରାକୁ, ବିଜୁ ଜନତା ଦଳ ସମର୍ଥନ ଘୋଷଣା କରିଛି ।

ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଜନତା ଦଳର ଉପସଭାପତି ଶ୍ରୀ ରବି ନାରାୟଣ ନନ୍ଦ, ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ରମେଶ ମାଝୀ ଓ ଶ୍ରୀ ପ୍ରଦୀପ ମାଝୀ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ।

ଶ୍ରୀ ରବି ନାରାୟଣ ନନ୍ଦ କହିଥିଲେ, ଉପାନ୍ତ ଅଞ୍ଚଳ ରାଇଘରରେ ମୁଖ୍ୟତଃ ଆଦିବାସୀ ଲୋକମାନେ ଚାଷ ଉପରେ ନିର୍ଭର କରନ୍ତି । ସରକାରଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବା ପରେ, ରାଇଘର ଅଞ୍ଚଳରେ, ୩୪୪ ଜଣ ଚାଷୀଙ୍କୁ ୧୫ ଫେବୃଆରୀରୁ ୧୬ ମାର୍ଚ୍ଚ ଭିତରେ ଧାନ ବିକ୍ରି କରିବା ପାଇଁ କୁହାଯାଇଥିଲା । ସେହି ହିସାବରେ, ଏହି ଚାଷୀମାନେ ୧୪,୨୫୨ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ । ଏହି ଧାନର ପରିମାଣ ହିସାବରେ, ଚାଷୀମାନେ ପ୍ରାୟ ସାଢ଼େ ୪ କୋଟି ଟଙ୍କା ପାଇବା କଥା । ନିୟମ ଅନୁଯାୟୀ, ୨୪ରୁ ୪୮ଘଣ୍ଟା ଭିତରେ ଧାନ ବିକ୍ରି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବା କଥା । କିନ୍ତୁ, ପ୍ରାୟ ଚାରିମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଧାନ ଟଙ୍କା ମିଳି ନାହିଁ । ଏହି ଟଙ୍କା ପାଇବା ପାଇଁ ଧାନ ବିକିଥିବା ଚାଷୀମାନେ ବାର ଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି । ଇତିମଧ୍ୟରେ, ଚାଷୀମାନେ ଧାନ କିଣାରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ବ୍ୟତୀତ ସିଏସଓ ଓ ଜିଲ୍ଲାପାଳ ଙ୍କୁ ଭେଟି ତାଙ୍କର ଅସୁବିଧା ଜଣାଇଛନ୍ତି । ସିଏସଓ ଓ ଜିଲ୍ଲାପାଳ ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ।

ଶ୍ରୀ ରମେଶ ମାଝୀ କହିଥିଲେ, ସରକାରଙ୍କ ନିର୍ଦ୍ଦେଶ ମୁତାବକ ଚାଷୀ ମଣ୍ଡିରେ ଧାନ ଦେଇଥିଲେ ତେଣୁ ଚାଷୀଙ୍କୁ ଧାନ କିଣା ଟଙ୍କା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ । ରାଜ୍ୟ ସରକାର ଏହି ପ୍ରକ୍ରିୟା ସଂପାଦନ କରିବାରେ ବିଫଳ ହୋଇଛନ୍ତି ଏବଂ ଚାଷୀମାନଙ୍କ କଥା ବୁଝୁନାହାନ୍ତି ।

ଶ୍ରୀ ପ୍ରଦୀପ ମାଝୀ କହିଥିଲେ, ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତିକୁ ନେଇ ରାଜ୍ୟବ୍ୟାପୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି କରୁଛନ୍ତି । କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଯେ, ରାଜ୍ୟର ୩୪୪ ଜଣ ଆଦିବାସୀ ଚାଷୀଙ୍କ ସମସ୍ୟା ଉପରେ ସରକାରଙ୍କ ସମ୍ବେଦନଶୂନ୍ୟ ହୋଇ ନିଦରେ ଶୋଇଛନ୍ତି ।

# କାବ୍ୟାଞ୍ଜଳି କବିତା ସଂକଳନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

**ପୁରୀ,୧୧।୬ (ମହାଭାରତ):** ପବିତ୍ର ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଆଧ୍ୟାତ୍ମିକ କବିତା ସଂକଳନ ବା କଫି ଟେବୁଲ ବୁକ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଡାଜ୍ଜୁଲ୍ୟମାନ କିର୍ତି ହୋଇ ରହିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୁଧବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଓଡିଶା ବାସୀ ଓ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ପରେ ରଥ ଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟ କୁ ଅନୁଧ୍ୟାନ କରିଥିଲେ ।ପରେ ପରେ ମୁଖ୍ୟମନ୍ତ୍ରୀ ସର୍କିଟ ହାଉସ ଠାରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରସ୍ତୁତ କାବ୍ୟାଞ୍ଜଳି କଫି ଟେବୁଲ ବୁକର ଅନାବରଣ କରିଥିଲେ ।ନିଜ ଅଭିଭାଷଣ ରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ସ୍ନାନ କରିଥିଲେ ।ମୁଁ ମଧ୍ୟ ବ୍ୟକ୍ତି ଗତ ଭାବେ ସେଠାରେ ସ୍ନାନ କରି ସାଧୁ,ସନ୍ଥ,ମହାତ୍ମା ମାନଙ୍କ ମିଶିବାର ସୁଯୋଗ ପାଇଥିଲି ।ସ୍ନାନ ମନ୍ତ୍ରକୁ ଉଚ୍ଚାରଣ କରି ଆମେ ନଦୀ, ପୋଖରୀ ବା ସ୍ନାନାଗାର ରେ ସ୍ନାନ କରିଥାନ୍ତି ।କିନ୍ତୁ ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ।



ସେହି ମହାକୁମ୍ଭ ଆଧାର ରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କବିତାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ,ଯାହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପ୍ରତୀକ ।ସାରଳା ଦାସ, ଜଗନ୍ନାଥ ଦାସ, ଗଙ୍ଗାଧର ମେହେର,ଫକୀରମୋହନଙ୍କ ସାହିତ୍ୟ କୃତି ଆମ ଭାଷା ସାହିତ୍ୟ କୁ ସମୃଦ୍ଧ କରିଛି ।ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ବିରାଟ ଉପଲବ୍ଧି ।୨୦୩୬ ବିକଶିତ ଓଡିଶା ଓ ୨୦୪୭ ବିକଶିତ ଭାରତ ପାଇଁ ଆମେ ସମସ୍ତେ ସମବଦ୍ଧ ଭାବେ କାର୍ଯ୍ୟ କରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ ।ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଏହି ଉପାଦେୟ କଫି ଟେବୁଲ ବହି ଟି ଏୟାର ପୋର୍ଟ ମାନଙ୍କ ରେ ରଖିଲେ ଏହା ଅନେକ ଲୋକ ଙ୍କୁ ନୂତନ ଦିଶା ଦେଖାଇ ପାରିବ ବୋଲି କହିବା ସହ ରଥଯାତ୍ରା ଅବସରରେ ଏହି ଭଳି ପୁସ୍ତକ ପ୍ରକାଶନ ପାଇଁ ଅନୁରୋଧ କରିଥିଲେ ।ସଜ୍ଜନ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ବିଭିନ୍ନ ମଠର ମହନ୍ତ ମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ,ଡଃ ପ୍ରିତି ପ୍ରତିଭା ଭୋଳ,ଡଃ ହାଡିବନ୍ଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, କୁଳମଣି ରାଉତ, ଡଃ ଅମୀୟ ମହାପାତ୍ର, ମାତୃଦତ୍ତ ମହାନ୍ତି, ନିରଞ୍ଜନ ରଥ,ଶ୍ୟାମ ପ୍ରକାଶ ସେନାପତି, ଚିନ୍ମୟ ବିବେକ, ଦୟାନିଧି ଲେଙ୍କା ଓ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।

# ନାନ୍ଦପୁର ଗାଁରେ କଙ୍ଗାରୁ କୋର୍ଟ – ଜୋରିମାନା ନ ଦେଲେ ନିଆଁ ପାଣି ବନ୍ଦ

**ଆରଡି,୧୧।୬ (ମହାଭାରତ):** ଜାତି ଭିତିକ ପ୍ରଥାକୁ ନେଇ ଭଦ୍ରକ ଜିଲା ଆରଡି ଫାଣ୍ଡି ଅଧିନସ୍ଥ ନାନ୍ଦପୁର ଗାଁରେ ଏବେବି ଚାଲିଛି କଙ୍ଗାରୁ କୋର୍ଟ। ଗାଁରେ ୨ ଜାତି ମଧ୍ୟରେ ବିବାଦ ଯୋଗୁ ଜୋରିମାନା ଚିନ୍ତା ଓ ନିଆଁ ପାଣି ବନ୍ଦକୁ ନେଇ ମାନସିକ ଭାରସାମ୍ୟ ହରାଇ ବିଶ୍ୱନାଥ ଦାସ ଜୀବନ ହାରିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ପରାମର୍ଶ କ୍ରମେ ଆରଡି ଫାଣ୍ଡି ଅଧିକାରୀ ଶନିବାର ସନ୍ଧ୍ୟାରେ ପହଁଚି ମୃତ ବିଶ୍ୱନାଥଙ୍କ ପରିବାରକୁ ଭେଟି ସମସ୍ତ କଥା ପଚାରି ବୁଝିଥିଲେ। ସେ ଜାଣିବାକୁ ପାଇଥିଲେ କି ଗାଁରେ ୨ ସାହି ଖଣ୍ଡାୟତ ଓ ଗୋପାଳ ସାହି ମଧ୍ୟରେ ଦୀର୍ଘ ୬ମାସ ତଳେ ଏକ ବିବାଦ ଉପୁଜିଥିଲା। ଯାହାକୁ ନେଇ ଗୋପାଳସାହିରେ ବୈଠକ ଡକାଯାଇ ସମସ୍ତଙ୍କୁ ଜଣାଇ ଦିଆଯାଇଥିଲା କି ଗୋପାଳସାହିର କୌଣସି ପରିବାର ବା ବ୍ୟକ୍ତି ବିଶେଷ ଖଣ୍ଡାୟତସାହିରେ ଥିବା ଦୋକାନରୁ ଜିନିଷପତ୍ର କ୍ରୟ ବିକ୍ରୟ କରିବା, ତାଙ୍କ ଘରକୁ ଯିବା ଆସିବା ଆଦି ବାରଣ କରାଯାଇଥିବା ବିଶ୍ୱନାଥଙ୍କ ଝିଅ ପ୍ରାଥମିକ ତଦନ୍ତରେ କହିଥିଲେ। ହେଲେ ବିଶ୍ୱନାଥ ଗତ ରବିବାର ଦିନ ଖଣ୍ଡାୟତ ସାହିରୁ ଟ୍ରାକ୍ଟର ଆଣି ହଳ କରିବାରୁ ସେହି ଦିନ ସନ୍ଧ୍ୟାରେ ସାହିର ମୁରବିମାନେ କଙ୍ଗାରୁ କୋର୍ଟ ବସାଇ ବିଶ୍ୱନାଥଙ୍କର ଏପରି କାର୍ଯ୍ୟ ପାଇଁ ୫ହଜାର ଟଙ୍କା ଜୋରିମାନା କରିବା ସହ ୩ଦିନ ମଧ୍ୟରେ ଦେଇ ନପାରିଲେ ନିଆଁପାଣି ବାସନ୍ଦ କରାଯିବ ବୋଲି ରୋକଠୋକ ଭାବେ ଜଣାଇଥିଲେ। ଏପରିକି ସାହିର ଅନ୍ୟ ୧୦ଜଣଙ୍କୁ ମଧ୍ୟ ୫ହଜାର ଟଙ୍କା ଲେଖାଏଁ ଜୋରିମାନା କରାଯାଇଥିବା ନିରଞ୍ଜନ ଦାସଙ୍କ ପତ୍ନୀ କହିଛନ୍ତି। ଗାଁର ଜଣେ ବୟୋଜ୍ୟୋଷ୍ଠ ଲୋକ ନିଜର ନାମ ଗୋପନ ରଖି କହିଛନ୍ତି, ଏପରି କଥା ଚିନ୍ତା କରି ବିଶ୍ୱନାଥ ଭାଙ୍ଗି ପଡିବା ସହ ବୈଠକରୁ ଆସିବା ପରେ ଘର ପିଣ୍ଡା ସାମ୍ନାରେ ପଡିଯାଇଥିଲେ। ସୋମବାର ହଠାତ ଛାତିରେ ଯନ୍ତ୍ରଣା ହେବା ସହ ବାନ୍ତି ହେବାରୁ ତାଙ୍କୁ କଟକ ମେଡିକାଲକୁ ନିଆଯାଇଥିଲା ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଶୁକ୍ରବାର ବିଶ୍ୱନାଥଙ୍କ ମରଶରୀରକୁ ଆଣି ସାହି ଲୋକ ତରବରିଆ ଭାବେ ଗାଁ ଶଶ୍ମାନରେ ପୋଡି ଦେଇଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ଘେରକୁ ଆସିଥିଲା। ଫଳରେ ବିଶ୍ୱନାଥଙ୍କ ଝିଅ ଓ ପରିବାର ଲୋକ ସାହି ମୁରବିଙ୍କ ଭୟରେ ମୁହଁ ଖୋଲୁ ନାହାନ୍ତି। ସାହିର କିଛି ପ୍ରଭାବଶାଳି ଲୋକଙ୍କ ଧମକ ଅନୁଯାୟୀ ଖଣ୍ଡାୟତ ସାହି ଲୋକଙ୍କର ହଳ ବୁଲାଇବା, ଘର ପିଣ୍ଡାରେ ବସିବା, ତାଙ୍କ ଦୋକାନରୁ ଜିନିଷପତ୍ର କିଣାବିକା କରିବା, କଳରେ ଧାନ ପେସିବା ଆଦି କଲେ ସାହିରୁ ବାଛନ୍ଦ ହେବା ସହ ନିଆଁପାଣି ବନ୍ଦ କରାଯାଉଥିବା କହିଛନ୍ତି ନିରଞ୍ଜନ ଦାସଙ୍କ ପତ୍ନୀ।



# ୧୯୨୫ ଲିଟର ଦେଶୀ ମଦ ଜବତ



**ଗୁରୁଡିଝାଟିଆ,୧୧।୬ (ମହାଭାରତ):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଓ ଖଣ୍ଡୁଆଳି ଗାଁ ନିକଟ ଜଙ୍ଗଲରେ ଥିବା ଚୋରା ଦେଶୀ ମଦ ଭାଟି ଉପରେ ଅବକାରୀ ବିଭାଗ ଚଢ଼ାଉ କରି ୧୯୨୫ ଲିଟର ଦେଶୀ ମଦ ଜବତ କରିଛି। ଏହା ସହିତ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ୧୫ ହଜାର ୯୬୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହି ଚଢାଉ ରେ ଆଠଗଡ, ବାଙ୍କୀ, ନରସିଂହପୁର, କଟକ ଅବକାରୀ ବିଭାଗ କର୍ମଚାରୀ ଯଥା ନୀରିକ୍ଷକ ସି. ଏଚ. ତିରୁପତି, ରବିନାରାୟଣ ପ୍ରଧାନ, ଅରୁଣ କୁମାର ଭୋଇ, ଶେଫାଳୀ ସାହୁ ଓ ସୌମ୍ୟ ରଞ୍ଜନ ମାଝୀ ପ୍ରମୁଖ ଚଢାଉରେ ଅଂଶ ଗ୍ରହଣ କରିଥିଲେ।

## ବନ୍ତ ଛକରୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ

# ୮ ଗୋରୁ ଉଦ୍ଧାର, ଗାଡ଼ି ଚାଳକ ଫେରାର

ଭଦ୍ରକ,୧୧।୬ (ମହାଭାରତ): ଭଦ୍ରକରେ ଥମୁନି ଗୋଚାଲାଣ। ଆଜି ପୁଣି ବନ୍ତ ଛକରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ ହୋଇଥିବାର ଖବର ମିଳିଛି । ଗାଡ଼ିରେ ଥିବା ୮ ଗୋରୁ ଉଦ୍ଧାର କରିଛି ଭଦ୍ରକ ଟାଉନ ଥାନା ପୁଲିସ। ବନ୍ତ ଛକରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ ହୋଇଥିବାର ଖବର ମିଳିଛି । ଗାଡ଼ିରେ ଥିବା ୮ ଗୋରୁ ଉଦ୍ଧାର କରିଛି ଭଦ୍ରକ ଟାଉନ ଥାନା ପୁଲିସ ।ସୂଚନା ଅନୁଯାୟୀ, ବୋଝେଇ ପିକଅପ୍ ଭ୍ୟାନ୍ ଭଦ୍ରକରୁ କଲିକତା ଯାଉଥିବା ବେଳେ ଟାଉନ ପୁଲିସର ପେଟ୍ରୋଲିଙ୍ଗ ବେଳେ ଧରାପଡ଼ିଛି। ତେବେ କୌଶଳକ୍ରମେ ଡ୍ରାଇଭର ଫେରାର ହୋଇଥିବା ବେଳେ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ରଖାଯାଇଛି। ଏନେଇ ପୁଲିସ ଅଧିକ ତଦନ୍ତ କରୁଛି। ପ୍ରତିଦିନ ଭଦ୍ରକରୁ ବହୁ ଗୋରୁଗାଡ଼ି ପଶ୍ଚିମବଙ୍ଗ ଯାଉଥିବାରୁ ପୁଲିସ ଏଥିପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବୋଝେଇ ପିକଅପ୍ ଭ୍ୟାନ୍ ଭଦ୍ରକରୁ କଲିକତା ଯାଉଥିବା ବେଳେ ଟାଉନ ପୁଲିସର ପେଟ୍ରୋଲିଙ୍ଗ ବେଳେ ଧରାପଡ଼ିଛି। ତେବେ କୌଶଳକ୍ରମେ ଡ୍ରାଇଭର ଫେରାର ହୋଇଥିବା ବେଳେ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ରଖାଯାଇଛି। ଏନେଇ ପୁଲିସ ଅଧିକ ତଦନ୍ତ କରୁଛି। ପ୍ରତିଦିନ ଭଦ୍ରକରୁ ବହୁ ଗୋରୁଗାଡ଼ି ପଶ୍ଚିମବଙ୍ଗ ଯାଉଥିବାରୁ ପୁଲିସ ଏଥିପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



# ଆଦିବାସୀ ଉନ୍ନୟନ ସଂସ୍ଥା ଦୁର୍ନୀତି, ପୁରୁଣା କାମ ଦେଖାଇ ଲକ୍ଷାଧିକ ଟଙ୍କା ହରିଲୁଟ

**କଲ୍ୟାଣସିଂହପୁର,୧୧।୬ (ମହାଭାରତ):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ପୋଲମା ଓ କନ୍ଧକାତିପାଡୁ ପଞ୍ଚାୟତରେ କୌଣସି କାର୍ଯ୍ୟ ନକରି ମଧ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ମନରେଗା ଯୋଜନାରେ ବିଲ କରି ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଲମା ପଞ୍ଚାୟତର ଗାମିଗୁଡ଼ା ଠାରୁ ସାତବିଶି ଯାଏଁ ଗାଁକୁ ଯିବାକୁ ରାସ୍ତା ନଥିବାରୁ ଗାଁ ଲୋକେ ସରପଞ୍ଚଙ୍କୁ ନେହୁରା ହୋଇ ପଞ୍ଚାୟତ ମନରେଗା ଯୋଜନାରେ ଏକ ଫାଇଲ କାର୍ଯ୍ୟାଦେଶ ନମ୍ବର ୨୪୨୯୮୦୫୦୦୯/ଆର ସି/୧୦୫୪୫୮୯୫ ଅନୁଯାୟୀ କାମ ଆରମ୍ଭ କରିଥିଲେ। କାମ ସାରି ଦୁଇବର୍ଷ ବିତିଗଲାଣି କିନ୍ତୁ ଶ୍ରମିକ ପାରିଶ୍ରମିକ ପାଇଲେ ନାହିଁ। ଏ ସମ୍ପର୍କରେ ବିଡ଼ିଓ ଙ୍କ ଦ୍ୱାରସ୍ଥ ହୋଇ ପାରିଶ୍ରମିକ ବାବଦରେ ବୁଝିଲା ବେଳକୁ ସ୍ଥାନୀୟ ରାଜନୈତିକ ଦଳର ନେତା ଓ ସରକାରୀ ବାବୁ ସେଇ କାମକୁ ଦେଖାଇ କାଗଜ କଲମରେ ଚଞ୍ଚକତା କରି ଗାଁ ନା ଗାମିଗୁଡା ଠାରୁ ସାତବିଶି ରାସ୍ତା ବଦଳରେ ସାତବିଶି ରାସ୍ତା ଠାରୁ ଗାମିଗୁଡା ଦର୍ଶାଇ ନୂତନ କାର୍ଯ୍ୟାଦେଶ ୨୪୨୯୦୦୫/ଆର ସି/୧୦୫୫୬୦୪୦)ରେ ୭ ଲକ୍ଷ ଟଙ୍କା ବିଲ ଉଠାଇ ନେଇଥିବା ଅଭିଯୋଗ ହୋଇଛି।



# ଅର୍ଥନୀତିରେ ସୁଧାର

୨୦୨୫ରେ ଭାରତର ଜିଡିପି ୪.୧୮ ଟ୍ରିଲିୟନ ଡଲାର ରହିବ ବୋଲି ଆଇଏମଏଫ ଆକଳନ କରିଛି। ଜାପାନ ଏହାଠାରୁ ସାମାନ୍ୟ ପଛରେ ପଡ଼ିଛି। ପୂର୍ବରୁ ଭାରତ ବ୍ରିଟେନକୁ ପଛରେ ପକାଇ ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିଲା। କହିବା ବାହୁଲ୍ୟ ଯେ, ୨୦୧୪ରେ ଭାରତ ୧୧ତମ ସ୍ଥାନରେ ଥିଲା। ମାତ୍ର ୧୧ ବର୍ଷ ଭିତରେ ଏହା ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତର ଲକ୍ଷ୍ୟ ହେଲା ୨୦୩୦ ସୁଦ୍ଧା ୫ ଟ୍ରିଲିୟନ ଅର୍ଥନୀତି ହେବା। ଏହା ଦ୍ୱାରା ଭାରତ ଜର୍ମାନକୁ ପଛରେ ପକାଇ ତୃତୀୟ ସ୍ଥାନ ଦଖଲ କରିପାରିବ। ଆମେରିକା ଓ ଚୀନ ଏହି ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସେମାନଙ୍କ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ଭାରତର ଜିଡିପି ୪ ଟ୍ରିଲିୟନ ଡଲାର ଥିବା ବେଳେ ଆମେରିକା ପାଖାପାଖି ୩୦ ଟ୍ରିଲିୟନ ଡଲାର ରହିଛି। ଚୀନର ଅର୍ଥନୀତି ପାଖାପାଖି ୨୦ ଟ୍ରିଲିୟନ ଡଲାର ରହିଛି। ଏହାକୁ ବିଚାର କଲେ ଭାରତ ନିକଟ ଭବିଷ୍ୟତରେ ଆମେରିକା ଏବଂ ଚୀନର ନିକଟତର ହେବା ମଧ୍ୟ ସମ୍ଭାବନା ନାହିଁ। ଯଦି ୨୦୪୭ ସୁଦ୍ଧା ଭାରତ ୨୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିଯିବ ସେତେବେଳକୁ ଚୀନ ୪୦ରେ ପହଞ୍ଚାଯାଇଥିବ। ଏବେ ଜାପାନ ଭାରତଠାରୁ ସାମାନ୍ୟ ପଛରେ ପଡ଼ିଛି, ଜର୍ମାନୀ ସାମାନ୍ୟ ଆଗରେ ରହିଛି। ଏଥିରେ ପରିବର୍ତ୍ତନ ମଧ୍ୟ ହୋଇପାରେ। ଆଗକୁ ଜାପାନ ଭାରତକୁ ପୁନର୍ବାର ଅତିକ୍ରମ କରିବା ଅସମ୍ଭବ ନୁହେଁ। ଜର୍ମାନୀ ମଧ୍ୟ ଭାରତଠାରୁ ଆହୁରି ଆଗକୁ ବଢ଼ିଯାଇପାରେ। ମୋଟ ଉପରେ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ସହିତ ଭାରତର ଅର୍ଥନୀତି ପାଖାପାଖି ରହିଛି। କିନ୍ତୁ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ବିକଶିତ ରାଷ୍ଟ୍ର ହୋଇଥିବା ବେଳେ ଭାରତ ବିକାଶମୁଖୀ ରାଷ୍ଟ୍ର। କାରଣ ଭାରତର ଜନସଂଖ୍ୟା ଏମାନଙ୍କ ତୁଳନାରେ ବହୁ ଅଧିକ। ତେଣୁ ଭାରତର ମୁଣ୍ଡପିଛା ଆୟ ବା ଜିଡିପି ବହୁ କମ। ମୁଣ୍ଡ ପିଛା ଆୟ ହିସାବରେ ଭାରତ ବହୁ ପଛରେ ପଡ଼ିଛି। ୟୁରୋପର ଅନେକ ଛୋଟ ଛୋଟ ଦେଶ ତାଲିକାର ଅନେକ ଆଗରେ ରହିଛନ୍ତି। ଭାରତ ତୁଳନାରେ ଜାପାନ ଏବଂ କୋରିଆ ଅଧିକ ଉନ୍ନତ ଏବଂ ସଶକ୍ତ। ଚୀନ କଥା ଛାଡ଼। ହଂକଂ, ସିଙ୍ଗାପୁର ଭଳି ଅନେକ ଛୋଟ ଛୋଟ ଦେଶ ଭାରତଠାରୁ ବହୁ ଆଗରେ। ମାଲେସିଆ ମଧ୍ୟ ଭାରତ ତୁଳନାରେ ବହୁ ଆଗରେ। ଅଷ୍ଟ୍ରେଲିଆର ଜିଡିପି ଭାରତ ତୁଳନାରେ ଯଥେଷ୍ଟ କମ। କିନ୍ତୁ ଅଷ୍ଟ୍ରେଲିଆ ଭାରତ ତୁଳନାରେ ଏକ ସମୃଦ୍ଧ ରାଷ୍ଟ୍ର। ୟୁରୋପର ଅନେକ ଛୋଟ ଦେଶ ଯଥା ସ୍ୱିଡେନ, ସୁଇଜରଲାଣ୍ଡ, ଡେନମାର୍କ, ନେଦରଲାଣ୍ଡ, ପର୍ତ୍ତୁଗାଲ , ସ୍ପେନ, ଇଟାଲୀ, ଚେକ ରିପବ୍ଲିକ, ସ୍ଲୋଭାକ, ହଙ୍ଗେରୀ ଆଦି ଭାରତଠାରୁ ଆଗରେ। ତେଣୁ ବିଶ୍ୱ ଅର୍ଥନୀତିରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବର ବିଷୟ ହୋଇଥିଲେ ମଧ୍ୟ ଦେଶର କୋଟି କୋଟି ଗରିବ ଲୋକଙ୍କ ପାଇଁ ଏହା ମୂଲ୍ୟହୀନ। କାରଣ ସେମାନେ ବଂଚିବା ପାଇଁ ସଂଘର୍ଷ କରୁଛନ୍ତି। ଏକ ସ୍ୱଚ୍ଛଳ ଏବଂ ସ୍ୱଚ୍ଛନ୍ଦ ଜୀବନ ବିତାଇବା ନିମନ୍ତେ ସେମାନଙ୍କ ନିକଟରେ ସାଧନ ନାହିଁ। ଭାରତରେ ଅତି ଧନୀ ବା ସୁପର ରିଚଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ଭାରତର ଅତି ଗରିବ ଲୋକଙ୍କ ସଂଖ୍ୟା ମଧ୍ୟ ବହୁ ଅଧିକ, ଯାହା ୟୁରୋପର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ତେଣୁ ଭାରତରେ ମୁଣ୍ଡପିଛା ଆୟ ବା ଜିଡିପି ଯଥେଷ୍ଟ କମ। ଯେ ପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରିତ ନହୋଇଛି ବା ସ୍ଥିର ନହୋଇଛି ସେ ପର୍ଯ୍ୟନ୍ତ ଭାରତ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ଏଥିପାଇଁ ଠୋସ ପଦକ୍ଷେପ ନିଆଯିବା ଜରୁରୀ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**


ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।


ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,


# ଘେରାଏ ପୃଥିବୀର ଅସରନ୍ତି ମଣିଷ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଙ୍ମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଝଲିଛି ନିକର" (ଲେଖକ- ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଳୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଢ଼ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଝଲି ଝଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !


**ବିଷମ କଟକ, ରାୟଗଡ**


# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

**॥ ବାଦଲ ଭୂୟାଁ ॥**

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ କଟକଣା ଭିତରେ ରଖାଯିବା ଉଚିତ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

## ଭାରତୀୟ ତଟରକ୍ଷକ ବାହିନୀ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ




ପାରାଦୀପ, (ମହାଭାରତ) : ବିଶ୍ୱ ରକ୍ତଦାନ ଦିବସ ଅବସରରେ, ଭାରତୀୟ ତଟରକ୍ଷକ ବାହିନୀ, ଜିଲ୍ଲା ମୁଖ୍ୟାଳୟ (ଓଡ଼ିଶା) ଦ୍ୱାରା ୧୧ ଜୁନ୍ ବୁଧବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜିତ ହୋଇଯାଇଛି । ବିଶ୍ୱ ରକ୍ତଦାନ ଦିବସ-୨୦୨୫ ଅବସରରେ ଦେଶ ବ୍ୟାପି ଅଭିଯାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ମହତ କାର୍ଯ୍ୟକ୍ରମରେ ମୋଟ ୯୦ ଜଣ ତଟରକ୍ଷକ ବାହିନୀର ସଦସ୍ୟ ଓ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରି ୯୦ ୟୁନିଟ ରକ୍ତ ଦାନ କରିଥିଲେ । ଚଳିତ ବର୍ଷର ବିଶ୍ୱ ରକ୍ତଦାନ ଦିବସର ଶୀର୍ଷକ ଥିଲା 'ଗିଭ ବ୍ଲଡ୍, ଗିଭ ହୋପ, ଟୁଗେଦର ଉଇ ସେଭ ଲାଇଭସ୍' । ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ (ଓଡ଼ିଶା) କମାଣ୍ଡର ସ୍ୱୟଂ ପ୍ରଥମ ରକ୍ତଦାନକାରୀ ଭାବରେ ଅଂଶ ଗ୍ରହଣ କରି, ଏହି ମହତ୍ କାର୍ଯ୍ୟରେ ସମ୍ମିଳିତ ସମସ୍ତ ରକ୍ତଦାତା ମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ ଏହାକୁ ଆମ ଦେଶର ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧ ସହ ସମ୍ମତ ଏକ ଉଦ୍ୟମ ବୋଲି ଉଲ୍ଲେଖ କରିଥିଲେ । ଶିବିର ବ୍ୟବସ୍ଥାପନାରେ ସାହାଯ୍ୟ କରିଥିବା ଜଗତସିଂହପୁର ଜିଲ୍ଲା ଚିକିତ୍ସାଳୟର ଚିକିତ୍ସକ ଓ କର୍ମଚାରୀଙ୍କ ପ୍ରତି ମଧ ସେ କୃତଜ୍ଞତା ପ୍ରକାଶ କରିଥିଲେ । ଚିକିତ୍ସା ଦଳ ଉପସ୍ଥିତମାନଙ୍କୁ ରକ୍ତଦାନର ଗୁରୁତ୍ୱ ବିଷୟରେ ଜଣାଇ ରକ୍ତ ଓ ରକ୍ତ ଉତ୍ପାଦନ ସାମଗ୍ରୀର ଜାଗତିକ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଶିବିର ସମୟରେ ସମସ୍ତ ସ୍ୱେଚ୍ଛାସେବକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସାଧାରଣ ଚିକିତ୍ସା ଯାଞ୍ଚ, ଯେପରିକି ରକ୍ତଚାପ ଓ ହିମୋଗ୍ଲୋବିନ୍ ସ୍ତର ଯାଞ୍ଚ ଦ୍ୱାରା ତାଙ୍କ ରକ୍ତଦାନ ଯୋଗ୍ୟତା ନିଶ୍ଚିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତଟରକ୍ଷକ ବାହିନୀ ର କର୍ମଚାରୀ ଓ ପରିବାର ସଦସ୍ୟମାନେ ଉତ୍ସାହ ଓ ଦୃଢ଼ ସମର୍ପଣ ଭାବନା ସହିତ ଅଂଶଗ୍ରହଣ କରି ଜୀବନ ରକ୍ଷା ପ୍ରତି ସାମୂହିକ ଅଙ୍ଗୀକାରକୁ ପ୍ରମାଣିତ କରିଥିଲେ ।

## ଯୋଗ ଦିବସ ଏବଂ ସବୁଜ ସମ୍ବଲପୁର ମିଶନ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର, (ମହାଭାରତ) : ଆଜି ଅପରାହ୍ନ ୪ ଟା ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ ) ଙ୍କ ଅଧ୍ୟକ୍ଷତା ରେ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ଏବଂ ସବୁଜ ସମ୍ବଲପୁର ମିଶନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପରିଚାଳନା ଓ ସମୟବ୍ୟବସ୍ଥା ପ୍ରସ୍ତୁତି, ଅଧିକାରୀ ଓ ଅଂଶଗ୍ରହଣକାରୀଙ୍କ ସକ୍ରିୟତା ,ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଯୋଗ ଅଭ୍ୟାସ ଓ ସାଧାରଣ ଲୋକଙ୍କ ସହଯୋଗ, ଆବଶ୍ୟକ ଉପକରଣ, ସାଉଣ୍ଡ ସିଷ୍ଟମ୍, ଷ୍ଟେଜ୍, ଫାଷ୍ଟ ଏଡ଼ , ସାମୁଦାୟିକ ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଥିଲା ।ସବୁଜ ସମ୍ବଲପୁର ମିଶନ ଅନ୍ତର୍ଗତ ରେ ଉପସ୍ଥିତ ସମସ୍ତ ଅନୁଷ୍ଠାନ, ସମସ୍ତ ସରକାରୀ ଏବଂ ଅଣ ସରକାରୀ ସଂଗଠନ କୁ ବୃକ୍ଷ ରୋପଣ କରିବା ଏବଂ ତାହାର ଯତ୍ନ ନେବାକୁ ପ୍ରୋତ୍ସାହିତ କରିଥିଲେ । ଏହି ବୈଠକରେ ଡ଼ି.ଏଫ.ଓ କଳିଙ୍ଗ ଗୋରଖ ଓ୍ୱାମନ ( ଭା.ବ.ସେ ),ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣ (ଭା.ପ୍ର.ସେ ) , ଓଇଝ ଚକ୍ୱକ୍ଟଭବଗ୍ସକ୍ଟଭରକ୍ୱ ଶୁଭ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ) ସୁଧାଂଶୁ ଭୋଇ , ମୁଖ୍ୟ ଉନ୍ନୟନ ଅଧିକାରୀ ,ଜିଲ୍ଲା ପରିଷଦ ପ୍ରସନ୍ନ ପାତ୍ର , ଜ଼ିଲ୍ଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ଅଣ ସରକାରୀ ସଂଗଠନ ପ୍ରମୁଖ ଉପସ୍ଥିତ ଥାଇ ଯୋଗଦାନ ଦେଇଥିଲେ ।

## ଶିମିଳିସାହିରେ ବିକଶିତ ସଂକଳ୍ପ କୃଷି ଅଭିଯାନ

ଦଶପଲ୍ଲା, (ମହାଭାରତ): ଭାରତ ସରକାର ଚାଷୀ କୁଳ ର ସମସ୍ତଙ୍କୁ ସୁବିଧାରେ ସମସ୍ତ ପ୍ରକାରର କୃଷି, ଯାନ୍ତ୍ରିକ,ବିହନ, ସାର,କୀଟନାଶକ, ଚାଷପଯୋଗୀ ସମସ୍ତ ପ୍ରକାର ଉପକରଣ ରିହାତି ଦରରେ ସବୁ ପ୍ରକାରର ଜିନିଷ ଯୋଗାଇ ଦେଇଥାନ୍ତି । ତା ବ୍ୟତୀତ କୃଷକ ମାନଙ୍କ ଅନଲାଇନ ରେଜିଷ୍ଟ୍ରି,ଶୀତଳଭଣ୍ଡାର ନୀତି ଆଦି ଭାରତ ସରକାରଙ୍କର ଏକ ବହୁମୁଖି ଯୋଜନା କେବଳ କୃଷକ ମାନଙ୍କପାଇଁ ଉଦିଷ୍ଟ । ତେବେ ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ କିପରି ଗାଁ ଗହଳି ର ଜନସାଧାରଣ ଜାଣିପାରିବେ ଓ ସଚେତନ ହୋଇପାରିବେ ସେଥିପାଇଁ ସରକାର ଭିନ୍ନ ଭିନ୍ନ ପଦକ୍ଷେପ ମାନ ଗ୍ରହଣ କରିଥାନ୍ତି । ଏ କ୍ରମରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶିମିଳିସାହି ଗ୍ରାମପଂଚାୟତ ରେ ବିକଶିତ କୃଷି ସଂକଳ୍ପ ଅଭିଯାନ କୁ ନେଇ ଦଶପଲ୍ଲା କୃଷି ବିଭାଗ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶ ରେ ସାରା ରାଜ୍ୟରେ ଜୁନ ୧୨ତାରିଖ ପର୍ଯ୍ୟନ୍ତ ଏ କାର୍ଯ୍ୟକ୍ରମ ହେବାର ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମ ରେ ଦଶପଲ୍ଲା ବ୍ଲକ କୃଷି ଅଧିକାରୀ ତ୍ରିଥା ପଟ୍ଟନାୟକ, କେଭିକେ ର ବୈଜ୍ଞାନିକ ମଧୁସ୍ମିତା ଜେନା , ଜ୍ଞାନରଞ୍ଜନ ସାହୁ,ବୈଜ୍ଞାନିକ ଡି ସୀ ସାହୁ ପ୍ରମୁଖ ଉପସ୍ଥିତ ରହି ବିକଶିତ କୃଷି ବିଷୟରେ ଆଲୋଚନା କରିବା ସହିତ ଉର୍ନ୍ନତ ପାଇଁ ଉପଦେଶ ଦେଇଥିଲେ । ଏଥିସହିତ ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ପଟ୍ଟନାୟକ ଙ୍କ ସହ ଅନେକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ କୃଷି ବିଭାଗ ପକ୍ଷରୁ ସୋବରା ପଞ୍ଚାୟତର ଆନ୍ଧ୍ରଯୋଲ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି ।ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ସଚେତନତା କରାଯାଇଥିଲା । କେନ୍ଦ୍ର ସରକାରଙ୍କ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷକ ପଞ୍ଜିକରଣ, ରାଜ୍ୟ ସରକାରଙ୍କ ସମୃଦ୍ଧ କୃଷକ ଯୋଜନା,ସିଏମ୍ କିଷାନ ଯୋଜନା କୃଷି ବିଦ୍ୟାନିଧି ଯୋଜନା, ଶ୍ରୀ ଅନ୍ନ ଯୋଜନା ପ୍ରଭୃତି ଯୋଜନା ଉପରେ ଆଲୋଚନା କରାଯାଇଥିଲାଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

## ଫେଲ ମାରିଛି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ: ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ସଦାନନ୍ଦ

ଆସିକା, (ମହାଭାରତ) : ଫେଲ ମାରିଛି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ସଦାନନ୍ଦ ନାୟକ । ବିଜେଡ଼ି ସରକାର ସମୟରେ ହିତାଧିକାରୀ ସ୍ୱାସ୍ଥ୍ୟ ସେବା ରାଜ୍ୟ ତଥା ଅନ୍ୟ ରାଜ୍ୟରେ ସେବା ପାଇ ପାରୁଥିଲେ । ସାଧାରଣ ନିର୍ବାଚନ ପରେ ବିଜେପି ସରକାର ଗଠନ ପରେ ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନା ର ନାଁ ପରିବର୍ତ୍ତନ ସାଙ୍ଗକୁ ରଙ୍ଗ ବଦଳେଇବା କାର୍ଯ୍ୟ ଜୋରଦାର ଚାଲିଛି । ବିଜେଡି ସରକାର ସମୟରେ ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ମାଧ୍ୟମରେ ରୋଗୀ ସମସ୍ତ ମେଡିକାଲ ରେ ମାଗଣା ଚିକିତ୍ସା ପାଇପାରୁଥିଲେ । ଇତି ମଧ୍ୟରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ଼ ହିତାଧିକାରୀ ମାନଙ୍କୁ ବଣ୍ଟନ କରାଯାଇଛି । ହେଲେ ହିତାଧିକାରୀ ସ୍ୱାସ୍ଥ୍ୟ ସେବା ପାଉଛନ୍ତି, ନାଁ ନାହିଁ ତାହାର ତଦାରଖ କିମ୍ବା ସଚେତନତା ର ଅଭାବ ଯୋଗୁଁ ରୋଗୀ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏହାର ଏକ ନଗ୍ନ ନମୁନା ଆସିକା ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମର ଦେଖିବାକୁ ମିଳିଛି ।ବରଗା ସଦାନନ୍ଦ ନାୟକ ଦୀର୍ଘ ବର୍ଷ ହେବ କୀଡାନି ରୋଗରେ ଆକ୍ରାନ୍ତ ହୋଇ ରାଜ୍ୟ ବାହାରେ ଚିକିତ୍ସିତ ହେଉଛନ୍ତି ହେଲେ ଇତି ମଧ୍ୟରେ ତାଙ୍କ ନିକଟରେ ଥିବା ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ରେ ଚିକିତ୍ସିତ ହେଉଥିଲେ ଉକ୍ତ କାର୍ଡ ଟି ଅଚଳ ହୋଇଯିବା ପରେ ତାଙ୍କୁ ଆୟୁଷ୍ମାନ କାର୍ଡ଼ ମିଳିଛି କିନ୍ତୁ ତାଙ୍କ ନିକଟରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଥାଇବି ଆଜି ଚିକିତ୍ସା ପାଇବାରୁ ବଞ୍ଚିତ ହୋଇଛନ୍ତି ।ସଦାନନ୍ଦ କିଡ଼ନୀ ରୋଗରେ ଆକ୍ରାନ୍ତ ହେବା ପରେ ସେ ଧାର କରଜ କରି ସାଙ୍ଗରେ ୨୫ ହଜାର ଟଙ୍କା ଓ ଆୟୁଷ୍ମାନ କାର୍ଡ଼ ଧରି ବିଶାଖାପାଟଣା ଯାଇଥଲେ ସେଠାରେ ଚିକିତ୍ସିତ ହେଉଥିବା ଡାକ୍ତର ଖାନରେ ଆୟୁଷ୍ମାନ କାର୍ଡ଼ରେ ବେଲେନ୍ସ ନାହିଁ କହିବା ସହ ତାଙ୍କୁ ସେଠାରୁ ତାଙ୍କ ଘରକୁ ପଠାଇ ଦିଆଯାଇଛି । ଡ଼ବଲ ଇଞ୍ଜିନ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବା ପାଇଁ ମିଳିଥିବା ଆୟୁଷ୍ମାନ କାର୍ଡ଼ ରେ ବେଲେନ୍ସ ନାହିଁ ଶୁଣିବା ପରେ ସଦାନନ୍ଦ ବଞ୍ଚିବାର ଆଶା ଛାଡ଼ି ଦେଇଛନ୍ତି । ଅସହାୟ ହୋଇ ସହାୟତା ପାଇଁ ସରକାରୀ ବାବୁ ମାନଙ୍କୁ ଗୁହାରି କରି ବାର ଦ୍ୱାର ଶୁଣ୍ଢୀପିଣ୍ଡା ହୋଇ ସଦାନନ୍ଦ ଓ ତାଙ୍କ ପରିବାର ବୁଲୁଥିବା ଦେଖିବାକୁ ମିଳିଛି । ଏତିକି ସମୟରେ ଆସିକା ନିର୍ବାଚନ ମଣ୍ଡଳୀର କଂଗ୍ରେସ ସାଂସଦ ପ୍ରାର୍ଥୀ ତଥା ଆଇନଜୀବି ଦେବକାନ୍ତ ଶର୍ମା ଅସହାୟ ପରିବାର କୁ ଭେଟି ସମସ୍ତ ବିଷୟ ବୁଝି ଉକ୍ତ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ସହ ଯଥା ସମ୍ଭବ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।



## ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ



ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପରିସରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଓ ପ୍ରତିଯୋଗିତା ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମାଞ୍ଚଳରେ ମହିଳା ମାନଙ୍କୁ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରୟରେ ସ୍ୱାବଲମ୍ବୀ ହାକରେଇବା ସହ ଆମ ଓଡ଼ିଶାର ପାରମ୍ପରିକ ଏବଂ ଉଚ୍ଚ ଗୁଣବତ୍ତାଯୁକ୍ତ ଖାଦ୍ୟକୁ ଲୋକପ୍ରିୟ କରେଇ ଏହାର ସ୍ୱାସ୍ଥ୍ୟଗତ ସୁଫଳ ଓ ଉତ୍ତମ ସ୍ୱାଦର ପ୍ରଚାର ପ୍ରସାର ଲକ୍ଷ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଉଦ୍ଘାଟନ କରିଥିଲେ । ଏହି ଅବସରରେ ପାଟଣା ବ୍ଲକ ଉପା ଅଧ୍ୟକ୍ଷା ବିଶ୍ୱନାଥ ନାୟକ,ବିଡ଼ିଓ ମାନସ ଦଣ୍ଡପାଟ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ,ପାଟଣା ଥାନା ଅଧିକାରୀ ମାନସ ମହାକୁଲ, ତାଲିମରତ ଡିଏସପି ସର୍ଭ ପ୍ରଧାନ,ସିଡିପିଓ କଳ୍ପନା ଡରା, ବିଧାୟକ ଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିବା ବେଳେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ ଡକ୍ଟର ସୁବେନ୍ଦୁ ସାଗର କୁମାର ନାୟକ,ଆଞ୍ଚଳିକ ମହାବିଦ୍ୟାଳୟ ରାସାୟନିକ ବିଜ୍ଞାନ ଅଧ୍ୟାପିକା ସୁଚିସ୍ମିତା ଦାସ ଯୋଗଦାନ କରିଥିଲେ । ପାଟଣା ବ୍ଲକର ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏହି ମେଳାରେ ଅଂଶଗ୍ରହଣ କରି ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ଭାଗ ନେଇଥିଲେ । ନିୟମ ଅନୁଯାୟୀ ସେମାନେ ବ୍ଲକ କାର୍ଯ୍ୟାଳୟରେ ଖାଦ୍ୟ ପ୍ରସ୍ତୁତି କରିଥିଲେ । ଉନ୍ନତ ମାନର ଖାଇବା ତେଲ ଓ ଆନୁଷଙ୍ଗିକ ପ୍ରାକୃତିକ ମସଲା ଏହି ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର ହୋଇଥିଲା । ଭଳିକି ଭଳି ଖାଦ୍ୟର ପସରା ଅତିଥି ଓ ଦେଖଣାହାରୀଙ୍କ ମନ ମୋହି ଥିଲା । ବିଶେଷ କରି ପୋଡ଼ପିଠା, ମାଣ୍ଡିଆ ପ୍ରସ୍ତୁତ ଲଡୁ, କ୍ଷୀରି ଓ କାକରା, ଛେନା ପିଠା, ଅଗସ୍ତି ଫୁଲର ବରା, ପାମ୍ଫୁଡି ଚାର୍ଟ ,ଦହିବରା ଆଦି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଥିଲା । ଶେଷରେ ବିଚାରକଙ୍କ ମୂଲ୍ୟାନ ଅନୁଯାୟୀ ବଡ଼ପାଟଣା ପଞ୍ଚାୟତ ହସ ଖୁସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତୁରୁମୁଙ୍ଗା ପଞ୍ଚାୟତ ମା ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି କାର୍ଯ୍ୟକ୍ରମ କୁ ଶିକ୍ଷକ ପାର୍ଥ ସାରଥୀ ବେଜ୍ ଙ୍କ ସଂଯୋଜନା ଅନୁଷ୍ଠିତ ହୋଇ ଥିବା ବେଳେ ଓଡ଼ିଶା ଜୀବିକା ମିଶନ ବିଏଲସି ସୁସ୍ମିତା ସାହୁ, ବିପିସି ଜାଙ୍ଗ୍ୱ୍ଲକ ନାୟକ ଓ ବିପିଏ ବିଜୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଆନୁଷଙ୍ଗିକ ସହାୟତା କରିଛନ୍ତି ।

## ୫୮ ବର୍ଷ ବୟସ୍କା ମହିଳା ନିଖୋଜ

ବାଲିପାଟଣା, (ମହାଭାରତ): ବାଲିପାଟଣା ଥାନା ଅନ୍ତର୍ଗତ ମହୁଖଣ୍ଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପତ୍ନୀ କାଞ୍ଚନ ବେହେରା (୫୮) ଗତ ସୋମବାର ସକାଳୁ ଘରୁ କେଉଁ ଆଡେ ଚାଲି ଯାଇଛନ୍ତି । ସେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀ ଯିବାକୁ ଅଳି କରୁଥିଲେ ବୋଲି ପୁରୀ ରେ ଥିବା ଅନୁମାନ କରାଯାଉଛି । ଗଲାବେଳେ ସବୁଜ ରଙ୍ଗର ସୂତା ଶାଢୀ ପିନ୍ଧିଥିଲେ । ଏ ନେଇ ଆଜି ମହିଳାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ବେହେରା ବାଲିପାଟଣା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି ! ଯଦି ମହିଳାଙ୍କ ସମ୍ପର୍କରେ କେହି କିଛି ସୂଚନା ପାଆନ୍ତି ତେବେ ନିମ୍ନ ଲିଖିତ ଫୋନ ନମ୍ବରରେ୮୬୫୮୩୩୪୧୫୭, ୮୨୬୦୮୯୩୮୮୨, ୮୨୬୦୮୯୩୮୮୨ ଯୋଗାଯୋଗ କରିବାକୁ କାଞ୍ଚନ ବେହେରାଙ୍କ ନାତୁଣୀ ରାଜଲକ୍ଷ୍ମୀ ଜେନା ବିନମ୍ର ଅନୁରୋଧ କରିଚନ୍ତି !

## ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ବିଶେଷ ଜନ ସଚେତନତା ପାଇଁ ସାମ୍ବାଦିକ ସମ୍ମିଳନୀ

ନବରଙ୍ଗପୁର, (ମହାଭାରତ) : ଆସନ୍ତା୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଠାରେ ଜିଲାସ୍ତରୀୟ ବିକାଶ ମେଳା ସ୍ଥାନୀୟ ମଣ୍ଡେଇ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ)ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ ଏବଂ ପ୍ରକଳ୍ପ ପ୍ରଶାସକ ସ୍ୱମିନିତ ଆଦିବାସୀ ଉନ୍ନୟନ ସଂସ୍ଥା ରାଜୀବ ସାହୁ ଉପସ୍ଥିତ ଥିଲେ । ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଆହୂତ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ କହିଥିଲେ । ଜିଲ୍ଲା ସ୍ତରୀୟ ବିକାଶ ମେଳା ଓ ବିଭିନ୍ନ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।ଏହି ମେଳାରେ ୬୧ଗୋଟି ଷ୍ଟଲ ମଧ୍ୟରୁ ୨୫ ଟି ପାରମ୍ପାରିକ ଖାଦ୍ୟ ଷ୍ଟଲ ଓ ୩୧ ଟି ବିଭିନ୍ନ ବିଭାଗର ବିକାଶ ମୂଳକ ପ୍ରଦର୍ଶନୀ ଷ୍ଟଲ ରହିବ । ୧୨ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ୧୦ ଗୋଟି ବିକାଶ ବାହନ ୧୦ ଦିନ ଧରି ସରକାର ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ସାରା ବିଭିନ୍ନ ଜନ ହିତକର ଯୋଜନାର ପ୍ରସାର ପ୍ରସାର କରିବ ।ମେଳାରେ ବିଭିନ୍ନ ବିଭାଗୀୟ ଷ୍ଟଲ୍,ସୁଭଦ୍ରା ଶକ୍ତି ଖାଦ୍ୟ ମେଳା, ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା,ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିକାଶ ମେଳା କାର୍ଯ୍ୟକ୍ରମରେ ଅତିଥି ରୂପେ ମାନ୍ୟବର ମନ୍ତ୍ରୀ,ବିଧାୟକ ଓ ଜନ ପ୍ରତିନିଧି ଯୋଗ ଦେବେ ।ଜିଲାସ୍ତରୀୟ ବିକାଶ ମେଳା ଠାରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ, ଶୁଭଦ୍ରା ଯୋଜନାରେ ଲାଭ ପାଇଥିବା ମହିଳା, ସବସିଡି ମାଧ୍ୟମରେ କୃଷିର ଉନ୍ନତି କରିଥିବା ଚାଷୀ, ଉଦ୍ୟୋଗୀ, ଗୋ ପାଳନ ଓ ଛେଳି ପାଳନ ଭଳି ବିଭିନ୍ନ ସଫଳ ଚାଷୀ ଓ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ମହିଳା, ଯୁବ, ଆଦିବାସୀ ଓ କୃଷକ ସମାବେଶ ଅନୁଷ୍ଠିତ ହେବ । ଏନେଇ ମାନ୍ୟବର ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ତଥା ନବରଙ୍ଗପୁର ଜିଲା ପ୍ରଭାରୀ ବିଭୁତି ଭୂଷଣ ଜେନା ଗତ ୮/୬/୨୦୨୫ ତାରିଖରେ ପ୍ରସ୍ତୁତି ବୈଠକ ର ଅଧ୍ୟକ୍ଷତା କରିସାରିଛନ୍ତି । ଜିଲା ସ୍ତରୀୟ ବିକାଶ ମେଳାର ବିଭିନ୍ନ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦.୩୦ ମୀ ସମୟରେ ଆରମ୍ଭ ହେବ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୩ ହଜାର ୫ ଶହ ଟଙ୍କା ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ବସୁନ୍ଧରା, ଜଙ୍ଗଲ ଜମି ସତ୍ତାଧିକାର ଯୋଜନାରେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯିବ । ସେହିଭଳି ଚାଷୀଙ୍କୁ ମୃତ୍ତିକା କାର୍ଡ, ବିହନ ସହାୟତା, ମୁଖ୍ୟମନ୍ତ୍ରୀ ମକା ମିଶନ ସହାୟତା,ଶ୍ରମିକ କଲ୍ୟାଣ ସହାୟତା, ଗ୍ରାମୀଣ ଆବାସ କାର୍ଯ୍ୟଦେଶ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଙ୍କ ଦ୍ୱାରା ପ୍ରଦାନ କରାଯିବ । ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃଷି ବିଭାଗ ପକ୍ଷରୁ କୃଷି ସମ୍ପର୍କ ରଥ, ଜଙ୍ଗଲ ବିଭାଗ ପକ୍ଷରୁ 'ଏକ ପେଡ ମା କେ ନାମ 'ମାଧ୍ୟମରେ ବୃକ୍ଷ ରୋପଣ ପାଇଁ ପ୍ରଚାର ପ୍ରସାର ରଥ, ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସଂକଳ୍ପ ରଥ ଜିଲାର ସମସ୍ତ ବ୍ଲକ ଓ ପଞ୍ଚାୟତରେ ପ୍ରଚାର ପ୍ରସାର କରିବ । ଗୋଟିଏ ବିକାଶ ବାହନରେ ଏଲଇଡ଼ି ମାଧ୍ୟମରେ କ୍ଷୁଦ୍ର ଚଳଚିତ୍ର ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ପ୍ରଚାର ସହିତ ଲିଫଲେଟ ମଧ୍ୟ ବିତରଣ କରାଯିବ । ବ୍ଲକ ସ୍ତରରେ ରେ ସଂକଳ୍ପ ରଥକୁ ଲୋକ ପ୍ରତିନିଧି ସମେତ ଅଧିକାରୀ ଓ ଜନସାଧାରଣ ସ୍ୱାଗତ ଜଣାଇବେ । ଏହି ଅବସରରେ ବ୍ଲକସ୍ତରରେ ମଙ୍ଗଳବାର ସୁଭଦ୍ରା ଶକ୍ତି ଖାଦ୍ୟ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ବୋଲି ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି ।ସମ୍ମିଳନୀରେ ଧର୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ମାଧ୍ୟମରେ ଆସନ୍ତା ୧୫ ତାରିଖ ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ରେ ବିଶେଷ ସଚେତନତା ଓ ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା ।ନବରଙ୍ଗପୁର ଜିଲ୍ଲାରେ ୧୬୮ ଟି ପଞ୍ଚାୟତ ର ୫୩୬ ଟି ଗ୍ରାମରେ ବିଶେଷ କାର୍ଯ୍ୟକ୍ରମ ଆରମ୍ଭ ହେବ ।

## ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସାନ୍ନଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଏବଂ ଏନ ଏ ସି ରେ ବିଜେ ଜଗନ୍ନାଥ ମନ୍ଦିର ମାନଙ୍କ ରେ ସାନ୍ନଯାତ୍ରା କାର୍ଯ୍ୟକ୍ରମ ଶେଷ ହୋଇଯାଇଛି । ଆଜି ପ୍ରାତଃ ସମୟରୁ ମନ୍ଦିର ମାନଙ୍କ ରେ ସାନ୍ନ ଯାତ୍ରା ବା ଦେବ ସାନ୍ନ ପୂର୍ଣ୍ଣମା ବହୁ ଆଡମ୍ବରରେ ପାଳନ ହୋଇ ଯାଇଛି । ସକାଳୁ ସକାଳୁ ଦ୍ୱାରା ପିଠା ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାପଣ୍ଡା ମାନେ ସ୍ନାନ ବେଦୀକୁ ଆଣିଥିଲେ । ଏହି ସ୍ନାନ ବେଦିରେ ଜଗନ୍ନାଥଙ୍କ ଅବକାଶ, ମାଇଲମ, ତଡପ ଲାଗି ପରେ ବାଲଭୋଗ ଲାଗି କରିଥିଲେ କ୍ଷ ମନ୍ଦିରର ପୂଜକ ମାନେ ସୁନ୍ଦର ଭାବେ ବିଭିନ୍ନ ପୁଷ୍ପ ଏବଂ ତୁଳସୀ ମାଳ ରେ ସୁ ସଜ୍ଜିତ କରି ବେଶ କରିଥିଲେ । ଏହାପରେ ଅଭି ମନ୍ତ୍ରିତ ୧୦୮ ଗଡା ଜଳକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଇଥିଲେ । ଆସିକା ସହରର ସୁନାମ୍ବ ସାହିରେ ବିଜେ ଜଗନ୍ନାଥ ମନ୍ଦିର, ଖମ୍ବେଶ୍ୱରୀ ପାଟଣା ରେ ବିଜେ ଜଗନ୍ନାଥ ମନ୍ଦିର, ଲାଲା ଗୋର୍ଜି ଛକ,ମୁନି ସାହିରେ ବିଜେ ଜଗନ୍ନାଥ ମନ୍ଦିର, ଏବଂ କାଳଷଣ୍ଡ ପୁର, ନଳ ବଣ୍ଟା, ଜୟପୁର, ଚିନି ଶିଳ୍ପ ନୂଆଗାଁ, ବାଦଗଡ଼ ଗ୍ରାମରେ ବିଜେ ପୁରାତନ ଜଗନ୍ନାଥ ମନ୍ଦିର ମାନଙ୍କ ରେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସମସ୍ତ ମନ୍ଦିର ରେ ପଣ୍ଡା, ପୂଜକ,ଏବଂ ପରିଚାଳନା କମିଟି ପକ୍ଷରୁ ସ୍ନାନ ଯାତ୍ରା ନିମନ୍ତେ ସ୍ୱତନ୍ତ୍ର ପୂଜା ନୀତି ବ୍ୟବସ୍ଥା କରିଥିଲେ ।

## ପୂରିଲା ୧ବର୍ଷ, ବିକାଶର ମୂଲ୍ୟବୋଧକୁ ନେଇ ଗଡିବ ବିକାଶ ରଥ




ଅସ୍ତରଙ୍ଗ, (ମହାଭାରତ) : ରାଜ୍ୟରେ ବିଜେପି ତଥା ମୋହନ ସରକାର ଙ୍କୁ ୧ ବର୍ଷ ଶାସନ ପୂର୍ଣ୍ଣ ହୋଇଛି, କଣ ନଥିଲା ଆଉ କଣ ହେଇଛି, ଯାହାକୁ ନେଇ ପଞ୍ଚାୟତ ସ୍ତରରେ ବୁଲିବ ବିକାଶ ବାହନ ରଥ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ନେତୃତ୍ୱ ରେ ବିଜେପି ପୂରା କରିଛି ପୂରା ୧ ବର୍ଷ, ସୁଭଦ୍ରା ଯୋଜନା ରେ ନାରୀ ମାନଙ୍କୁ ସଶକ୍ତି କରଣ କରିବା ନିର୍ବାଚନୀ ଇସ୍ତାହାର ରେ କୁହାହେବାପରେ ବାସ୍ତବ ରେ ସୁଭଦ୍ରା ଯୋଜନା ଆଣିଦେଇଛି ନାରୀ ମାନଙ୍କ ମୁହଁ ରେ ହସ, ସେହି ବିକାଶ ରଥ ପରିକ୍ରମା ନେଇ ଆଜି ଅସ୍ତରଙ୍ଗ ବ୍ଲକ ସଭା ଗୃହ ରେ ଦିନ ୧୧ ଘଟିକା ରେ ଅସ୍ତରଙ୍ଗ ବିଡ଼ିଓ ଶୁଭସ୍ମିତା ବେହେରା ଙ୍କ ଅଧ୍ୟକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି, ଅସ୍ତରଙ୍ଗ ବ୍ଲକ ର ୧୫ ଗୋଟି ପଞ୍ଚାୟତ ରେ ୧୨ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ବିକାଶ ରଥ ପହଞ୍ଚିବ ଓ ଏହି ରଥ ସହିତ ବ୍ଲକ ର ପ୍ରତ୍ୟକ ବିଭାଗ ର କର୍ମଚାରୀ, ପ୍ରତ୍ୟେକ ପଞ୍ଚାୟତ ର ଜନସେବା କେନ୍ଦ୍ର ଅପରେଟର ମାନେ ଉପସ୍ଥିତ ରହି ସରକାର ଙ୍କ ବିକାଶ ଧାରା ସହିତ ଜନସାଧାରଣ ଙ୍କୁ ଯୋଡିବାକୁ କରିବେ ପ୍ରୟାସ, ସ୍ୱାସ୍ଥ୍ୟ, ଜଙ୍ଗଲ, ରାଜସ୍ୱ, ବ୍ୟାଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ କରିବେ ଅଂଶଗ୍ରହଣ, ସରକାର ଙ୍କ ବୃକ୍ଷ ରୋପଣ, ଆୟୁଷ୍ମାନ କାର୍ଡ, ଅନ୍ତୋଦୟ ଯୋଜନା, ଜନଧନ ଆକାଉଣ୍ଟ, କିସାନ କ୍ରେଡିଟ କାର୍ଡ ଭଳି ପ୍ରତ୍ୟେକ ସେବା ପ୍ରତ୍ୟେକ ପଞ୍ଚାୟତ ରେ ବିଭାଗ ଦ୍ୱାରା କରାଯିବା ପାଇଁ ନିଆଯାଇଛି ନିଷ୍ପତି, ପ୍ରଥମ ଥର ପାଇଁ ପ୍ରତ୍ୟେକ ପଞ୍ଚାୟତ ରେ ପୃଥକ ପୃଥକ ବିଭାଗ ର ଅଧିକାରୀ ଓ କର୍ମଚାରୀ ଲୋକ ମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ଅଭିଯୋଗ ଶୁଣିବା ସହିତ ସେହି ସ୍ଥାନ ରେ ସେମାନଙ୍କ କାର୍ଯ୍ୟ କରିବାକୁ ଆସିଛି ବିଭାଗୀୟ କମିସନ ଙ୍କ ନିକଟରୁ କଡା ନିର୍ଦ୍ଦେଶ, ଭତ୍ତା ସହିତ ରାସନ କାର୍ଡ ରେ ସମସ୍ୟା ଥିଲା ସେହି ସ୍ଥାନ ରେ ଲୋକ ଙ୍କ କାର୍ଯ୍ୟ କରାଯିବ, ପ୍ରଥମେ ବ୍ଲକ ପରିସରରୁ ୧୨ ତାରିଖ ଦିନ ଏହି ରଥ ଉଦ୍ଘାଟନ ହେବା ପରେ ପ୍ରଥମ ଦିନ ଅସ୍ତରଙ୍ଗ ଓ ପାଟଓଳଦା ପଞ୍ଚାୟତ ଗସ୍ତ କରିବ ଓ ଦ୍ୱିତୀୟ ଦିନ ବା ୧୩ ତାରିଖ ରେ ନୂଆଗଡ ସହିତ ଝାଡ଼ଲିଙ୍ଗ ପଞ୍ଚାୟତ କାର୍ଯ୍ୟକ୍ରମ କରିବାକୁ ନିଷ୍ପତି ନିଆଯାଇଛି, ବାକି ୮ ଦିନରେ ୧୧ ପଞ୍ଚାୟତ ନିର୍ଦ୍ଧାରଣ ମୁତାବକ ରଥ ପହଞ୍ଚିବ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି, ପ୍ରତ୍ୟେକ ଦିନ ସରକାର ଙ୍କ ୨୧ ଗୋଟି ସ୍କିମ ର ସଫଳତା ପୂର୍ବକ କାର୍ଯ୍ୟକ୍ରମ କୁ ନେଇ ବ୍ଲକ ସ୍ତରରୁ କମିସନ ବିଭାଗ କୁ ରିପୋର୍ଟ ପଠାଯିବ ସେଥିପାଇଁ ୧୨ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଭାଗ ର ଅଧିକାରୀ ଓ କର୍ମଚାରୀ ଙ୍କ ଛୁଟି ବାତିଲ୍ କରାଯାଇଛି, ଏହି ପ୍ରସ୍ତୁତି ବୈଠକ ରେ ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ବ୍ଲକ ଉପାଧକ୍ଷ ଶ୍ରୀଯୁକ୍ତ ଦୁର୍ଜ୍ଜୟ ମିଶ୍ର, ଜିପିଡିଓ ସତ୍ୟ ସ୍ୱର ବିଶ୍ୱାଳ, ମୁଖ୍ୟ କିରାଣୀ ଭୁବନେଶ୍ୱର ରଥ ଓ ଅତିରିକ୍ତ ଯନ୍ତ୍ରୀ ପ୍ରିୟମ୍ବଦା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମସ୍ତ ବିଭାଗ କୁ ଦାୟିତ୍ୱ ସହକାରେ ସରକାର ଙ୍କ ଏହି କାର୍ଯ୍ୟକ୍ରମ କୁ ତୁଲାଇବାକୁ ପରାମର୍ଶ ଦେଇଥିଲେ, ଏହି ପ୍ରସ୍ତୁତି ବୈଠକ ଅନେକ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ସମସ୍ତ ବିଭାଗ ର କର୍ମଚାରୀ, ପଞ୍ଚାୟତ ପିଇଓ, ଜିଆରଏସ ଓ ସହଜ ଜନ ସେବା କେନ୍ଦ୍ର ର ଅପରେଟର ମାନେ ଉପସ୍ଥିତ ରହିଥିଲେ ।

## ଯୋଡା ରେ ମହା ଆଡମ୍ବର ରେ ଦେବ ସ୍ନାନ ପୂର୍ଣ୍ଣିମା



ଯୋଡା,(ମହାଭାରତ) ପୂର୍ବ ଯୋଡା ରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ରେ ବୁଧବାର ସ୍ନାନ ପୂର୍ଣ୍ଣିମା ଉତ୍ସବ ମହା ଆଡମ୍ବର ରେ ପାଳିତ ହୋଇ ଯାଇଛି ।ସକାଳ ୯.୧୫ ମିନିଟ ସମୟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ,ବଳଭଦ୍ର,ସୁଭଦ୍ରା ଓ ସୁଦର୍ଶନ ଙ୍କୁ ରତ୍ନବେଦୀ ରୁ ସ୍ନାନ ମଣ୍ଡପ କୁ ପହଣ୍ଡି ବିଜେ କରାଯାଇଥିଲା ।ମନ୍ଦିର ର ମୁଖ୍ୟ ପୂଜକ ପ୍ରଦୀପ କୁମାର ମିଶ୍ର ,ସହକାରୀ ପୂଜକ ନିରଞ୍ଜନ ପଣ୍ଡା,ପୂଜକ ଅଭୟ କୁମାର ଶୁକ୍ଳୟ,ଚି□ରଞ୍ଜନ ପତି,ସୁବାସ ପାଣିଗ୍ରାହୀ ପ୍ରମୁଖ ଙ୍କ ସୂଚନା ଅନୁଯାୟୀ,ପ୍ରାତଃ ୧୦.୨୦ ମିନିଟ ସମୟରେ ୧୦୮ ଟି କଳସ ରେ ସ୍ନାନ ବିଧି ସମାପନ କରାଯାଇଥିଲା ।ଦିନ ୧୧ଟା ବେଳେ ମନ୍ତ୍ର ଉଚ୍ଚାରଣ ସହିତ ଜୀଉ ମାନଙ୍କୁ ବସ୍ତ୍ର ପରିଧାନ କରାଯାଇଥିଲା ।ସ୍ନାନ ମଣ୍ଡପ ରେ ଭୋଗ ଲାଗି ହୋଇଥିଲା ।ଜୀଉ ମାନଙ୍କ ଗଜାନନ ବେଶ୍ ଦିନ ୧୨ ଟା ବେଳେ ଅନୁଷ୍ଠିତ ହୋଇ ଥିଲା ।ଏହି ଗଜାନନ ବେଶ୍ ଦେଖିବା ପାଇଁ ବର୍ଷା ସତ୍ୱେ ମଧ ଶ୍ରଦ୍ଧାଳୁ ଙ୍କ ପ୍ରବଳ ସମାଗମ ହୋଇଥିଲା ।ଅପରାହ୍ନ ୪ ଟା ବେଳେ ପହଡ଼ ଖୋଲା ହେବୟ ପରେ ପୁନଃ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା ।ମୁଖ୍ୟ ପୂଜକ ମିଶ୍ର କହିଛନ୍ତି ଯେ,ରାତି ୯ଟା ରେ ସନ୍ଧ୍ୟା ଆଳତି ପରେ ମହା ପ୍ରଭୁ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଓ ସୁଦର୍ଶନ ଙ୍କୁ ଅଣସର ଗୃହ କୁ ପହଣ୍ଡି ବିଜେ କରାଯିବ ।ଏହି ଅବସରରେ ଜଗନ୍ନାଥ ସେବା ସମିତି ମୁଖ୍ୟ ଡାକ୍ତର ଅନିଲ କୁମାର ଦାସ ,କୈଳାସ ନାୟକ,ନନ୍ଦୁ ପଟ୍ଟନାୟକ ,ପ୍ରମୁଖ ଉପସ୍ଥିତ ରହି ମନ୍ଦିର ର ରୀତିନୀତି କୁ ସୁପରିଚାଳନା କରିଥିଲେ ।

## ହିନ୍ଦୋଳ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ନୀଳାଦ୍ରି ବିହାରସ୍ଥିତ ଦଧିବାମନ ଜୀଉଙ୍କର ଶ୍ରୀଜଗନ୍ନାଥ ମନ୍ଦିରରେ ଆଜି ଆନନ୍ଦ ସହକାରେ ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି ।ଶ୍ରୀମନ୍ଦିରର ସେବାୟତ ମାନେ ଘଣ୍ଟ,ଘଣ୍ଟା, ସଂକୀର୍ତନ ହୁଳହୁଳିରେ ପୂଜା , ଗୋ ପୂଜା, ମଙ୍ଗଳାଅର୍ପଣ କରି ଶ୍ରୀଜୀଉଙ୍କୁ ସ୍ନାନ ମଣ୍ଡପର ବିଜେ କରାଇଥିଲେ । ପରେ ଦିବ୍ୟ ସୁବାସିତ ଜଳରେ ବଡ ଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା , ଶ୍ରୀ ଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନଙ୍କୁ ଯଥା କ୍ରମେ ୩୩ , ୨୨, ୩୫ ଓ ୧୮ ଗରା ଜଳରେ ସ୍ନାନ କରାଯାଇ ବଡଭାଇ ବଳଭଦ୍ର ଓ କୋଟି ବ୍ରହ୍ମାଣ୍ଡର ଅଧୀଶ୍ୱର ଶ୍ରୀ ଜଗନ୍ନାଥ(ଦଧିବାମନ ଜୀଉ)ଙ୍କୁ ଗଜାନନ ବେଶ କରାଯାଇଥିଲା। ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଉତ୍ସବରେ ହରିନାମ ପରିବେଷଣ କରିଥିଲେ । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତଙ୍କ, ଶ୍ରଦ୍ଧାଳୁ ମାନଙ୍କର ସମାଗମ ହୋଇଥିଲା । ସନ୍ଧ୍ୟାରେ ଶ୍ରୀ ଜୀଉ ମାନଙ୍କୁ ଅନବସର ଘରକୁ ନିଆଯାଇଥିଲା । ଏହି ଉପଲକ୍ଷେ ଉପଜିଲ୍ଲାପାଳ ପ୍ରଭାସ ବେଉରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିରର ସମସ୍ତ ସଦସ୍ୟ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ ଶ୍ରୀଜୀଉଙ୍କର ଏହି ଦିବ୍ୟ ପରମ୍ପରାକୁ ସଫଳତା ସହକାରେ ସମ୍ପର୍ଣ୍ଣ କରାଯାଇଥିଲା।ସେହିପରି ଖଜୁରିଆକଟାରେ ମଧ ପବିତ୍ର ସ୍ନାନଯାତ୍ରା ମନ୍ଦିରକମିଟି,ଶ୍ରଦ୍ଧାଳୁଙ୍କ ସହଯୋଗ ଓ ଉପସ୍ଥିତିରେ ସମ୍ପର୍ଣ୍ଣ କରାଯାଇଥିଲା ।ତେବେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶ୍ରିବାଦ ଓ ଆଜ୍ଞାନୁସାରେ ସ୍ଥାନୀୟ ପ୍ରଶାସନ, ଦେବୋ□ରବିଭାଗ,ଆରକ୍ଷୀବାହିନୀ ଓ ଜଗନ୍ନାଥପ୍ରେମୀଙ୍କ ସହଯୋଗ ଅକ୍ଲାନ୍ତ ଉଦ୍ୟମରେ ସ୍ନାନମହୋତ୍ସବ ସହିତ ପ୍ରସିଦ୍ଧ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପର୍ଣ୍ଣ କରାଯିବାକୁ ସମସ୍ତେ ଆଶାବାଦୀ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ ।

## ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ ପାଳିତ



ପାରାଦୀପ(ମହାଭାତ): ବନ୍ଦର ନଗରୀ ପାରାଦୀପର ନୃତ୍ୟ, ସଙ୍ଗୀତ ଓ କଳାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ସାଗରିକା କଳା ନିକେତନ ତାର ବାର୍ଷିକ ଉତ୍ସବ ଗତ ସୋମବାର ସନ୍ଧ୍ୟାରେ ପାଳନ କରିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବନ୍ଦରର ଅଧ୍ୟକ୍ଷ ପି ଏଲ୍ ହରନାଦ ଦ୍ୱିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ ।ସେ କହିଥିଲେ କି ସାଗରିକା କଳା ନିକେତନର ନୃତ୍ୟ ଶିଳ୍ପୀ ମାନେ ବନ୍ଦରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ସୁନ୍ଦର ନୃତ୍ୟ ଉପସ୍ଥାପନ କରି ପ୍ରଶଂସା ପାଇଛନ୍ତି ଓ ଅଖିଳ ଭାରତ ବନ୍ଦର ପ୍ରତିଯୋଗିତାରେ ବନ୍ଦରକୁ ଅନେକ ବାର ପ୍ରଥମ ସ୍ଥାନ ଆଣି ଦେଇଛନ୍ତି । ସେ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଗ୍ରହଣ କରି ନୃତ୍ୟ,ସଙ୍ଗୀତ ଓ କଳା କ୍ଷେତ୍ରରେ ଆଗକୁ ବଢିବା ପାଇଁ ଉପଦେଶ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧ୍ୟକ୍ଷ ନିଲାଭ୍ର ଦାସଗୁପ୍ତା ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ନିକେତନର ସଂଯୁକ୍ତ ସଚିବ ଆର ଏନ୍ ମିଶ୍ର ଅନୁଷ୍ଠାନ ସମ୍ବନ୍ଧରେ ବିବରଣୀ ରଖିଥିଲେ ।ଏହି ଅବସରରେ ସାଗରିକାର ନୂତନ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ଓ ବନ୍ଦରର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ ମଞ୍ଚାସିନ ଥିଲେ । ଅତିଥି ମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଗରିକାର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ ଓ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ । ଅନୁଷ୍ଠାନର ବରିଷ୍ଠ ନୃତ୍ୟ ଗୁରୁ ବ୍ରଜ କିଶୋର ମଲ୍ଲିକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଛାତ୍ର ଛାତ୍ରୀ ମାନେ ଓଡ଼ିଶୀ ଶୈଳୀରେ ପରିବେଶଣ କରିଥିଲେ ନୃତ୍ୟାଭିନୟ ଜୟ ଜଗନ୍ନାଥ ଯାହାକି ସର୍ବ ଆଦୃତ ହୋଇଥିଲା ଓ ଉପସ୍ଥିତ ଦର୍ଶକ ମାନଙ୍କୁ ଦୀର୍ଘ ୩୦ ମିନିଟରୁ ଅଧିକ ସମୟ ପର୍ଯ୍ୟନ୍ତ ମନ୍ତ୍ରମୁଗ୍ଧ କରି ରଖିଥିଲା । ବନ୍ଦର ଅଧ୍ୟକ୍ଷ ନିଜେ ଏହି ନୃତ୍ୟାଭିନୟର ଭୂୟାୟଶି ପ୍ରଶଂସା କରିଥିଲେ । ସଂପୂର୍ଣ୍ଣ କାର୍ଯ୍ୟ କ୍ରମକୁ ସାଗରିକା କଳା ନିକେତନର ସମ୍ପାଦକ ନିରୋଜ୍ ପଟ୍ଟନାୟକ ସଂଯୋଜନା କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । କାର୍ଯ୍ୟକ୍ରମରେ ବନ୍ଦରର ବିଭାଗ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ତଥା ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ଠାକୁରମୁଣ୍ଡା ସରପଞ୍ଚ ଉପ ନିର୍ବାଚନ ୬୯.୧୫ % ମତଦାତା ଭୋଟ ଦେଲେ



କରଞ୍ଜିଆ,(ମହାଭାରତ): ବୁଧବାର ଦିନ ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ର ସରପଞ୍ଚ ପଦବୀ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ।ଭୋଟ ଗ୍ରହଣ ସକାଳ ୭ ଟା ରୁ ଦିନ ୧ଟା ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ୨୦ ଗୋଟି ୱାର୍ଡ ତଥା ୨୦ ଗୋଟି ବୁଥ ର ମୋଟ ୬୫୦୭ ଜଣ ଭୋଟର ରହିଛନ୍ତି । ମୋଟ ମତଦାତା ଙ୍କ ମଧ୍ୟରୁ ୨୨୫୬ ଜଣ ପୁରୁଷ ଓ ୨୨୪୪ ଜଣ ମହିଳା ଭୋଟ ଦାତା ଙ୍କୁ ମିଶାଇ ମୋଟ ୪୫୦୦ ମତଦାତା ଭୋଟ ଦେଇଥିବାର ଜଣାଯାଇଛି ତେବେ ୬୯.୧୫% ଭୋଟ ଦେଇଥିବାବେଳେ ଆସନ୍ତା ୧୨ ତାରିଖ ଦିନ ଭୋଟ ଗଣତି ହେବା ପରେ କିଏ ଜିତିବ ତାହା ଭୋଟ ବାକ୍ସ କହିବ ବୋଲି ସାଧାରଣ ରେ କୁହା ଯାଉଛି ଯସରପ□ ପଦବୀ ପାଇଁ ଆର୍ତ୍ତ ଦାସ,ସୁଜିତ ଲୁଗୁନ,ହରିଶ୍ଚନ୍ଦ୍ର ସମାଡ଼ ଙ୍କୁ ମିଶାଇ ମୋଟ ୩ ଜଣ ପାର୍ଥି ପ୍ରତିଦ୍ୱନ୍ଦିତା କରୁଥିଲେ ।

## ସୁନ୍ଦରଗଡ଼ ଠାରେ ଜୁନ ୧୨ ରୁ ୧୮ ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, (ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବ ବିକାଶ ମେଳା । ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ତାହାର ସଫଳ କାର୍ଯ୍ୟାନ୍ୱୟନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ସ୍ଥାନୀୟ ଯତରା ପଡ଼ିଆଠାରେ ଜୁନ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ଜିଲ୍ଲା ସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ ।ଏହି ବିକାଶ ମେଳାରେ ଜିଲ୍ଲା ପରିଷଦ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜଙ୍ଗଲ ଏବଂ ପରିବେଶ , ଯୋଜନା ଓ ସଂଯୋଜନ, କୃଷି ଏବଂ କୃଷକ ସଶକ୍ତିକରଣ, ଶିକ୍ଷା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ନଗର ଉନ୍ନୟନ ବିଭାଗ, ଓଡ଼ିଶା ଜୀବିକା ମିଶନ, ହସ୍ତଶିଳ୍ପ , ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ଜଳସମ୍ପଦ , ଶିଳ୍ପ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ସୂଚନା ଶିକ୍ଷା ଯୋଗାଯୋଗ ଷ୍ଟଲ ସ୍ଥାନିତ ହେବୟ ସେହିଭଳି ଜଳ ବିଭାଜିକା, ଓଡ଼ିଶା କୃଷି ଶିଳ୍ପ ନିଗମ ଆଦି ବିଭାଗ ଦ୍ୱାରା ଉପକରଣ ମଧ ପ୍ରଦର୍ଶିତ ହେବ । ସେହିଭଳି ଏହି ସାତ ଦିନିଆ ବିକାଶ ମେଳାରେ ଜିଲ୍ଲାର ସମସ୍ତ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନଙ୍କ ଦ୍ୱାରା ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ମଧ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଗୁଡ଼ିକ ମଧ ଉପଲବ୍ଧ ହେବୟ ସେହିଭଳି ପ୍ରତ୍ୟେକ ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯିବ । ଏହି କାର୍ଯ୍ୟକ୍ରମରେ ଅଧିକ ରୁ ଅଧିକ ଜନସାଧାରଣ ଯୋଗ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଅଛି ।

## ଜିଲ୍ଲା ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା-୨୦୨୫



ଅନୁଗୋଳ, (ମହାଭାରତ) : ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଗୋଳ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା-୨୦୨୫ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତା ର ସମୟ ସୀମା ୩ଘଣ୍ଟା ନିର୍ଦ୍ଧାରଣ କରାଯାଇଥିଲା । ଏହି ପ୍ରତିଯୋଗୀତାରେ ୭ ଟି ବ୍ଲକରୁ ୭ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ କିଶୋରନଗର ବ୍ଲକ, ବାମୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓମ ସାଇ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୋଦ ଚାଉଳର ଦହି ପଖାଳ, କୋଦ ଚାଉଳ ଖିରୀ, ଆମ୍ବ ଆଚାର, ଲିଆ ବଡି, ସବୁଜ କାଙ୍ଗୁ ମଣ୍ଡା ପିଠା, ପାପଡି ଚାଟ, ମଲ୍ଟି ଗ୍ରେନର ଲଡୁ, ଦହି ବରା, କେକ୍ ଇତ୍ୟାଦି ଖାଦ୍ୟ ପ୍ରସ୍ତୁତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଅନୁଗୋଳ ବ୍ଲକ ଅନ୍ତର୍ଗତ ବନିଆବାହାଳ ୱାର୍ଡ ନମ୍ବର ୯ ର ନାରୀ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୋଦ ଚାଉଳ ଖେଚୁଡି, ମାଣ୍ଡିଆ ଦହିବରା, ସୁଆଁ ଛେନାପୋଡ, କୋଦ କଟୁମ୍ବର ଇତ୍ୟାଦି ଖାଦ୍ୟ ପ୍ରସ୍ତୁତି କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଓ ବନରପାଳ ବ୍ଲକ, କୁମଣ୍ଡ ଗ୍ରାମ ପଞ୍ଚାୟତ ର ମା ସନ୍ତୋଷି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଭାତ, ଡାଲମା, ଛତୁ ବେସର, ପନୀର୍ ତରକାରୀ, ସଜନା ଶାଗ, , ଛେନା ପୋଡ, ଛେନା ମଣ୍ଡା ଇତ୍ୟାଦି ପ୍ରସ୍ତୁତ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସର୍ବଶେଷରେ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କୁ ମାନପତ୍ର ଓ ସ୍ଥାନ ଅଧିକାର କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବାରକୋଟ : ଶିଂହ ଶାଳ ବ୍ରାହ୍ମଣୀ ନଦୀ ଘାଟ ରେ ବାଲି ମାଫିଆ ଙ୍କ ଗୁଣ୍ଡା ଗର୍ଦ୍ଦି

ଦେବଗଡ଼(ମହା ଭାରତ) ଦେବଗଡ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ସିଙ୍ଘ ଶାଳ ଗ୍ରାମ ର ଚଟିଆପୋଷି ବାଲି ଘାଟ ରେ ବାଲିମାଫିଆ ମାନେ ଜଣେ ହାଇୱା ଚାଳକଙ୍କୁ ଆକ୍ରମଣ କରି ଟଙ୍କା,ସୁନା ଚେନ ଲୁଟି ନେଇଥିବାର ବାରକୋଟ ଥାନାରେ ଅଭିଯୋଗ ହୋଇଛି । ସୂଚନାଆନୁଯାୟୀ ଗତକାଲି ଜୁନ ୯ତାରିଖ ରାତି ୯:୪୫ ସମୟ ରେ ଲିଙ୍ଗରାଜ ସାହୁ ନାମକ ବ୍ୟକ୍ତିଙ୍କୁ ବାଲି ମାଫିଆ ମାନେ ମାଡ ମାରି ଟଙ୍କା, ସୁନା ଚେନ ଲୁଟି ନେଇଥିଲେ, ପରେ ଚାଳକ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ୨୪ ଘଣ୍ଟା ପରେ ମଧ ପୋଲିସ ଆକ୍ରମଣକାରୀ ଙ୍କୁ ଧରି ପାରି ନୋଥିଲେ । ଫଳରେ ଡ୍ରାଇଭରଙ୍କୁ ମାଡ ହୋଇଥିବା ପ୍ରତିବାଦରେ ଏବଂ ଡ୍ରାଇଭର ମାନଙ୍କୁ ବାରମ୍ବାର ଅପବ୍ୟବହାର କରୁଥିବାରୁ ଡ୍ରାଇଭର ସଂଘର ସମସ୍ତ ସଦସ୍ୟ ମାନେ ମଙ୍ଗଳ ବାର ଅପରାହ୍ନ ୪ ଘ□। ସମୟରୁ ସିଂହଶାଳ ବାଲି ଘାଟରେ ରାସ୍ତା ଅବରୋଧ କରିଥିଲେ ।କିନ୍ତୁ ବାଲି ଘାଟ ମାଲିକ ଶ୍ରୀ ନର□ମ ସାହୁ ରାତ୍ରି ୧ ଘଟିକା ସମୟରେ ଗୁଣ୍ଡା ପଠାଇ ଡ୍ରାଇଭର ମାନଙ୍କୁ ଧମକ ଚମକ କରି ଅପବ୍ୟବହାର କରି ପିସ୍ତଲ ରେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ । ଫଳରେ ଆଜି ବଲଣ୍ଡା ଗ୍ରାମ ର ଡ୍ରାଇଭର ସଙ୍ଘର ସଦସ୍ୟ ମାନେ ବାଲି ଘାଟକୁ ଯିବା ଜୀବନ ପ୍ରତି ବିପଦ ରହିଥିବା ନେଇ ସେ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

## ପାଟଣା ବନ୍ୟାଞ୍ଚଳ ର ଚଢ଼ାଉ ୪୫ଖଣ୍ଡ ପଟ୍ଟା ଜବତ




ପାଟଣା:-(ମହାଭାର) କେନ୍ଦୁଝର ଜିଲ୍ଲା ଡିଏଫଓ ଏଚ.ଡି ଧନରାଜ ଙ୍କ ନିର୍ଦ୍ଦେଶରେ ପାଟଣା ବନ୍ୟା□ଳ ଦ୍ୱାରା ଚଢ଼ାଉ କରାଯାଇ ୪୫ଖଣ୍ଡ ମୂଲ୍ୟବାନ ପଟ୍ଟା ଜବଦ କରା ହୋଇଛି । ସୂଚନା ରୁ ପ୍ରକାଶ ପାଟଣା ବନ ବିଭାଗ ଓ ଜିଲ୍ଲା ମୋବାଇଲ ର ମିଳିତ ଭାବେ ଟାଙ୍ଗରପଡା ଗ୍ରାମ ର ନବ କିଶୋର ନାଏକ ଙ୍କ ଘରୁ ଚଢ଼ାଉ କରି ଛି । ଏହି ଚଢ଼ା ରେ ନବ କିଶୋର ଙ୍କ ଘରୁ ସାଗୁଆନ ଓ ଗମ୍ଭାରୀ ର ୪୫ଖଣ୍ଡ ପଟ୍ଟା ଜବଦ ହୋଇଛିୟ ଏହି ଚଢ଼ାଉ ରେ ପାଟଣା ବନପାଳ ଅଧିକାରୀ ପିଅନ ନାଏକ, ସାହାରପଡା ବନପାଳ ଅଧିକାରୀ ଭୂପତି କୁମାର ସେଠୀ,ବନରକ୍ଷୀ ରଞ୍ଜିତା ମହାନ୍ତ, ଦୀପକ ରଣା, ଓ ତାପସ୍ୱିନୀ ନାଏକ ଙ୍କ ସହ ମୋବାଇଲ ୟୁନିଟ ର ଡେପୁଟି ରେଞ୍ଜର ସୁଲୋଚନା ସାହୁ ଓ ଅନ୍ୟ ବନ କର୍ମଚାରୀ ମାନେ ସାମିଲ ଥିଲେ ।

## ରାସୋଳ ପୋଲିସ ଦ୍ୱାରା ବିପୁଳ ମଦ ଜବତ ଜଣେ ଗିରଫ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରସୋଳ ପୋଲିସ ଆଜି ବିପୁଳ ପରିମାଣର ମଦ ଜବତ କରିଛନ୍ତି ।ହିନ୍ଦୋଳ ଉପଖଣ୍ଡ ଆରକ୍ଷୀ ଉପଅଧିକ୍ଷକ ସତ୍ୟ କୁମାର ନନ୍ଦ ବିଶେଷ ସୂତ୍ରରୁ ଖବରପାଇ ଆଜି ରାସୋଳ ଥାନା ବ୍ରହ୍ମପୁର ଅଞ୍ଚଳର ଏକ ଜଙ୍ଗଲ ଭିତରେ ରାସୋଳ ଥାନା ଏସଆଇ ପ୍ରତାପ ଦଳେଇ ଓ ଥାନା କର୍ମଚାରୀଙ୍କ ସହ ସଦଳେବଳେ ଚଢ଼ାଉ କରି ୩୦ଲିଟର ଦେଶୀ ରନ୍ଧାମଦ, ମଦ ରାନ୍ଧିବା ଡ଼େକଚି, କଡେଇ ଇତ୍ୟାଦି ସାମଗ୍ରୀ ଜବତ କରିବାସହ ଶହେ ଲିଟର ମଦପୋଚ ନଷ୍ଟ କରିଥିଲେ । ଘଟଣାସ୍ଥଳରୁ ମଦ ରାନ୍ଧୁଥିବା ବ୍ରହ୍ମପୁର ଗ୍ରାମର ବିଚିତ୍ର ନାଏକଙ୍କୁ କେଶନଂ -୧୬୯/ ୨୦୨୬ରେ ଗିରଫ କରିଛନ୍ତ ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ



ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଶଙ୍କର କେରକେଟା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀ,ଏବଂ ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ଲାବଣ୍ୟେନ୍ଦୁ ମହାନ୍ତି ପରିଚାଳନା କରି ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ବିଭାଗର ପ୍ରସ୍ତାବ ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ କହିଥିଲେ ଯେ ଗଜପତି ଜିଲ୍ଲାର ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରିବାକୁ ହେବ ଏବଂ ଯାହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବଦା ସତର୍କ ରହିବା ଆବଶ୍ୟକ ବୋଲି କହିବା ସହ ପ୍ରଶାସନ ସର୍ବଦା ସରକାରଙ୍କ ନିର୍ଦ୍ଦେଶ-ନାମାକୁ ପାଳନ କରି ପୂର୍ବପ୍ରସ୍ତୁତି ଓ ସଫଳତାର ସହ ମୁକାବିଲା କରିବାରେ ବହୁ ଦୃଷ୍ଟାନ୍ତ ରହିଛି ବୋଲି କହିବା ସହ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ କିପରି ପ୍ରସ୍ତୁତି କରିଛନ୍ତି ସେ ବିଷୟରେ ସବିଶେଷ ବିବରଣୀ ଉପରେ ଆଲୋଚନା କରିଥିଲେ ।ସେହିପରି ଅପହଞ୍ଚ ହିଲାକରେ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ଯଥା:- କିରୋସିନ , ମହମବତୀ , ଦିଆସିଲି ଏବଂ ଶୁଖିଲା ଖାଦ୍ୟ ପ୍ରଭୃତି ଯଥେଷ୍ଟ ପରିମାଣରେ ମହଜୁଦ ରଖିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆ ଯାଇଥିଲା । ସେହିଭଳି ସମସ୍ତ ବ୍ଲକ, ତହସିଲ ଓ ସହରା ଅଞ୍ଚଳ ସ୍ତରରେ ପ୍ରଚୁର ପରିମାଣରେ ରିଲିଫ ସାମଗ୍ରୀ , ବନ୍ୟା ସମୟରେ ପ୍ରସୂତି ମହିଳାଙ୍କ ପାଇଁ ସ୍ଥାନାନ୍ତରଣ ଓ ଚିକିତ୍ସା ଯୋଗାଇ ଦେବା ଉପରେ ବିଶେଷ ଗୁରୁତ୍ୱ ଦିଆ ଯାଇଥିଲା । ସେହିପରି କ୍ଷୁଦ୍ର ଜଳସେଚନ ବିଭାଗ , ଜିଲ୍ଲା ଯୋଗାଣ ବିଭାଗ , ପୂର୍ତ୍ତ ବିଭାଗ , ଜନସ୍ୱାସ୍ଥ୍ୟ ବିଭାଗ , ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗ , ସ୍ୱାସ୍ଥ୍ୟ ବିଭାଗ , ବନ ବିଭାଗ , ପ୍ରାଣୀ ସମ୍ପଦ ବିଭାଗ ଏବଂ ବିଦ୍ୟୁତ , ଟେଲିକମ ବିଭାଗ ପ୍ରଭୃତି ବିଭାଗ ଗୁଡିକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜ ନିଜର ଦାୟିତ୍ୱ ସମ୍ପର୍ଣ୍ଣ ଠିକ୍ ଭାବେ ସମ୍ପାଦନ କରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ମୁଖ୍ୟତଃ ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗ , ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନଙ୍କ ବହୁ ଗୁରୁଦାୟିତ୍ୱ ରହିଥିବା ବେଳେ ସେମାନେ ଧନଜୀବନକୁ ରକ୍ଷା କରିବା ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ ବୋଲି କୁହା ଯାଇଥିଲା । ସେହିପରି ଆ□ଳିକ ପରିବହନ ବିଭାଗ କିପରି ବିପର୍ଯ୍ୟୟ ସମୟରେ ବିଭିନ୍ନ ଯାତ୍ରୀବାହୀ ଓ ମାଲ ବୋଝେଇ ଗାଡି ପ୍ରସ୍ତୁତି କରି ରଖିବେ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋସାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଏନ. ବୀରାରାଜୁ, ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀନାରାୟଣ ଶବର,ନୂଆଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମାଳତୀ ପ୍ରଧାନ, ରାୟଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପୂର୍ଣ୍ଣବାସୀ ନାୟକ,କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ବି.ସାୟାମା ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର , ପାରଳାଖେମୁଣ୍ଡି ଓ କାଶୀନଗର ନିର୍ବାହୀ ଅଧିକାରୀ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ପୂର୍ବରୁ ଆରଟି-ପିସିଆର ପରୀକ୍ଷା ବାଧ୍ୟତାମୂଳକ

ନୂଆଦିଲ୍ଲୀ : ଦେଶରେ କରୋନା ସଂକ୍ରମିତ ମାମଲା ବଢ଼ିବାରେ ଲାଗିଛି । ଏହାରି ମଧ୍ୟରେ ସରକାର ଆଲର୍ଟ ମୋଡରେ ରହିଛନ୍ତି । ଏବେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରୁଥିବା ମନ୍ତ୍ରୀମାନଙ୍କୁ ଆଟି-ପିସିଆର ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି ।



ତେବେ ଏହାକୁ ନେଇ ସରକାରଙ୍କ ପକ୍ଷରୁ ଅଫିସିଆଲ କିଛି କୁହାଯାଇନାହିଁ । ଦେଶରେ କରୋନା ମାମଲା ବଢୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥାରେ ବୋଲି ଅନୁମାନ କରାଯାଉଛି । ଏକ ରିପୋର୍ଟ ମୁତାବକ, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବାକୁ ଆସୁଥିବା ମନ୍ତ୍ରୀମାନେ ଜଞ୍ଚ-ଚଉଜ ପରୀକ୍ଷା କରିବାକୁ ହେବ । ବର୍ତ୍ତମାନ ଆଜି ସୁଦ୍ଧା ଦେଶରେ କରୋନା ସଂକ୍ରମିତ ମାମଲା ୭୧୨୧କୁ ବଢ଼ିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ବୁଧବାର ଦିନ ଜାରି କରାଯାଇଥିବା ତଥ୍ୟ ଅନୁସାରେ, ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୩୦୬ଟି ନୂଆ ମାମଲା ଏବଂ ଛଅଟି ମୃତ୍ୟୁ ରେକର୍ଡ ହୋଇଛି । ସବୁଠାରୁ ଅଧିକ ସଂକ୍ରମିତ କେରଳରେ ଚିହ୍ନଟ ହୋଇଛନ୍ତି । କେରଳରେ ୨୨୨୩ କୋଭିଡ ପଜିଟିଭ ଆକ୍ରାନ୍ତ ରହିଛନ୍ତି । ସେହିପରି ଗୁଜରାଟରେ ୧୨୨୩, ଦିଲ୍ଲୀରେ ୭୫୭, ମହାରାଷ୍ଟ୍ରରେ ୬୧୫, ତାମିଲନାଡୁରେ ୨୦୪, ପଶ୍ଚିମବଙ୍ଗରେ ୭୪୭, ଛତିଶଗଡ଼ରେ ୪୪ ଏବଂ ଆନ୍ଧ୍ରପ୍ରଦେଶରେ ୭୨, ରାଜସ୍ଥାନ ୧୩୮, କର୍ଣ୍ଣାଟକରେ ୪୫୯, ଉତ୍ତରପ୍ରଦେଶରେ ୨୨୯ ଆକ୍ରାନ୍ତ ରହିଛନ୍ତି । କେରଳରେ ତିନୋଟି ମୃତ୍ୟୁ ରେକର୍ଡ ହୋଇଛି, ମହାରାଷ୍ଟ୍ର (୧) ଏବଂ କର୍ଣ୍ଣାଟକ (୨) ହିଁ ଅବଶିଷ୍ଟ ମୃତ୍ୟୁ ରିପୋର୍ଟ କରିଥିବା ଏକମାତ୍ର ରାଜ୍ୟ । ଅରୁଣାଚଳ ପ୍ରଦେଶ, ମିଜୋରାମରେ ଏ ପର୍ଯ୍ୟନ୍ତ କୌଣସି ମାମଲା ଚିହ୍ନଟ ହୋଇନାହିଁ । କରୋନାକୁ ନେଇ ଲୋକମାନେ ସତର୍କତା ଅବଲମ୍ବନ କରନ୍ତୁ ବୋଲି କେନ୍ଦ୍ର ସରକାର ପରାମର୍ଶ ଦେଇଛି । ଯଦି କୌଣସି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ନିରୀକ୍ଷା କରିବାକୁ କୁହାଯାଇଛି ।

## ତାଇଓ୍ୱାନରେ ଶକ୍ତିଶାଳୀ ଭୂକମ୍ପ ଝଟକା



ନୂଆଦିଲ୍ଲୀ : ତାଇଓ୍ୱାନରେ ଶକ୍ତିଶାଳୀ ଭୂକମ୍ପ ଝଟକା । ତାଇଓ୍ୱାନରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପ ଯୋଗୁଁ ଲୋକ ଭୟଭୀତ ହୋଇ ଘରୁ ଦୌଡି ପଳାଇଛନ୍ତି । ୟୁନାଇଟେଡ ଷ୍ଟେଟ ଜିଓଲୋଜିକାଲ ସର୍ଭେ ମୁତାବକ, ତାଇଓ୍ୱାନରେ ୫.୯ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର କେନ୍ଦ୍ର ହୁଆଲିୟନ ସହର ଠାରୁ ୭୧ କିମି ଦୂର ୩୧ କିମି ଗଭୀରରେ ରହିଥିଲା । ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇନାହିଁ । ସୂଚନାଯୋଗ୍ୟ, ୧୯୯୯ରେ ତାଇଓ୍ୱାନରେ ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ଆସିଥିଲା । ୭.୭ ତୀବ୍ରତାର ଭୂକମ୍ପରେ ୨୪୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏଥିରେ ପାଖାପାଖି ୧ ଲକ୍ଷ ଲୋକ ଆହତ ହୋଇଥିଲେ ।

# ବେଙ୍ଗାଲୁରୁ ଦଳାଚକଟା : ବିସିସିଆଇ ଏବଂ ଆରସିବିକୁ ଦାୟୀ କଲେ କର୍ଣ୍ଣାଟକ ସରକାର



ବେଙ୍ଗାଲୁରୁ : ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ମାମଲାରେ କର୍ଣ୍ଣାଟକ ସରକାରଙ୍କ ବଡ଼ ବୟାନ । ଆଜି ଶୁଣାଣିରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ଏବଂ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ସିଧାସଳଖ ଦାୟୀ କରିଛନ୍ତି କର୍ଣ୍ଣାଟକ ସରକାର । ଷ୍ଟାଡିୟମ ବାହାରେ ହୋଇଥିବା ଦଳାଚକଟାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା । ସରକାର ଏନେଇ ହାଇକୋର୍ଟକୁ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ପାଇଁ କୌଣସି ଅନୁମତି ନିଆଯାଇ ନଥିଲା ଏବଂ ଆୟୋଜକମାନେ ସୋସିଆଲ ମିଡିଆ ମାଧ୍ୟମରେ "ସାରା ବିଶ୍ୱକୁ ନିମନ୍ତ୍ରଣ" କରିଥିଲେ । ୧ ଘଣ୍ଟା ପୂର୍ବରୁ ଅନୁମତି ମିଳିଥିଲା । ଘଟଣା ସହିତ ଜଡିତ ଗିରଫଦାରୀର ବୈଧତାକୁ ଚ୍ୟାଲେଞ୍ଜ କରିଥିବା ଆରସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସାଲେଙ୍କ ସମେତ ଚାରି ଜଣଙ୍କ ଦ୍ୱାରା ଦାଖଲ ଆବେଦନର ପୁନଃ ଶୁଣାଣି ସମୟରେ ଏହି ଆବେଦନ ଆସିଥିଲା । ବିଚାରପତି ଏସ୍.ଆର୍. କୃଷ୍ଣ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ରାଜ୍ୟ ପକ୍ଷରୁ ଉପସ୍ଥିତ ଥିବା ଓକିଲ ଜେନେରାଲ ଶଶୀ କିରଣ ସେଟ୍ଟି କୋର୍ଟକୁ କହିଥିଲେ ଯେ, ଆରସିବି ଏବଂ ଏହାର ଅଂଶୀଦାରମାନଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି । ସେ କହିଛନ୍ତି, ଜୁନ୍ ୩ ମ୍ୟାଚ ଆରମ୍ଭ ହେବାର ଏକ ଘଣ୍ଟା ପୂର୍ବରୁ ଆୟୋଜକ ପ୍ରଶାସନକୁ ଏକ ଚିଠି ଦେଇଥଇଲେ । ଯେଉଁଥିରେ ଲେଖାଥିଲା ବିଜୟ ପରେଡ ଆୟୋଜିତ କରାଯିବ । ଏହାର ଅର୍ଥ ସେମାନେ ଅନୁମତି ମାଗିନଥିଲେ, କେବଳ ନିଜ ପ୍ଲାନର ସୂଚନା ଦେଇଥିଲେ । କର୍ଣ୍ଣାଟକ ସରକାର ଏହି ଘଟଣାର ପାଇଁ ବିସିସିଆଇକୁ ଦାୟୀ କରିଛନ୍ତି, ଯୁକ୍ତି ଦେଇଛନ୍ତି ଯେ, କାର୍ଯ୍ୟକ୍ରମ ପାଇଁ ସୁରକ୍ଷା, ଗେଟ୍ ଏବଂ ଟିକେଟ୍ ପରିଚାଳନା ସମ୍ପର୍କରେ ଆରସିବି ଏବଂ ବିସିସିଆଇ ମଧ୍ୟରେ ଏକ ଚୁକ୍ତି ହୋଇଥିଲା । ଯାହା ଅନୁସାରେ ଭିଡ଼ ସମ୍ଭାଳିବାର ସଂପୂର୍ଣ୍ଣ ଦାୟିତ୍ୱ ଫ୍ରାଞ୍ଚାଇଜ ଏବଂ କ୍ରିକେଟ ବୋର୍ଡର ରହିଥିଲା । ସୂଚନାଯୋଗ୍ୟ, ଜୁନ୍ ୩ ତାରିଖରେ ଆଇପିଏଲ ୨୦୨୫ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଜିତିବା ପରେ ବେଙ୍ଗାଲୁରୁରେ ବିଜୟ ଉତ୍ସବ ପାଇଁ ପ୍ରସ୍ତୁତି ହୋଇଥିଲା । ପ୍ରଥମେ ବିଜୟ ପରେଡ ପାଇଁ ଯୋଜନା ହୋଇଥିବା ବେଳେ ପରେ ଟ୍ରାଫିକ ଜାମ୍ ଦେଖି ବିଜୟ ପରେଡକୁ ଅନୁମତି ଦେଇନଥିଲା ବେଙ୍ଗାଲୁରୁ ପୋଲିସ । ବିଜୟ ପରେଡ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ରହିଥିଲା । ବିଜୟ ପରେଡ ପାଇଁ ଅନୁମତି ନ ମିଳିବାରୁ ଭିଡ଼ ଷ୍ଟାଡିୟମ ବାହାରେ ଜମା ହୋଇଥିଲା । ପ୍ରିୟ ଟିମକୁ ଦେଖିବା ପାଇଁ ଫ୍ୟାନ୍ସଙ୍କ ମଧ୍ୟରେ ଦଳାଚକଟା ଆରମ୍ଭ ହୋଇଯାଇଥିଲା । ଯେଉଁଥି ପାଇଁ ୧୧ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ଅନେକ ଆହତ ହୋଇଛନ୍ତି ।

## ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ : ୟୁଟ୍ୟୁବର ଜ୍ୟୋତି ମଲହୋତ୍ରାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି କୋର୍ଟ । ଜ୍ୟୋତିଙ୍କ ଓକିଲ କୁମାର ମୁକେଶ ଜାମିନ ଆବେଦନ କରିଥିଲେ । ଗୁପ୍ତଚର ମାମଲାରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି ହିସାର କୋର୍ଟ । ସୂଚନାଯୋଗ୍ୟ, ପାକିସ୍ତାନ ପାଇଁ ଗୁପ୍ତଚର କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ରିମାଣ୍ଡରେ ନେଇଥିଲା ପୋଲିସ । ସୋମବାର ତାଙ୍କ ରିମାଣ୍ଡ ଶେଷ ହେବା ପରେ ଏକ କୋର୍ଟ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲା । ୩୩ ବର୍ଷୀୟ ଟ୍ରେଭେଲ ଇନଫ୍ଲୁଏନ୍ସର ଜ୍ୟୋତିଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଜ୍ୟୋତି ମାଲହୋତ୍ରାଙ୍କ ତିନୋଟି ମୋବାଇଲ୍ ଏବଂ ଏକ ଲାପଟପ୍, ପୋଲିସ ଫରେନସିକ୍ ପାଇଁ ପଠାଇଥିଲା । ଏହାସହ ଜ୍ୟୋତିଙ୍କ ଚାରୋଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଯାଞ୍ଚ କରାଯାଇଥିଲା । "ଟ୍ରାଭେଲ୍ ୱିଥ୍ ଜୋ" ନାମକ ୟୁଟ୍ୟୁବ୍ ଚ୍ୟାନେଲ୍ ଚଲାଉଥିବା ହିସାରର ବାସିନ୍ଦା ଜ୍ୟୋତିଙ୍କୁ ନ୍ୟୁ ଅଗରସେନ୍ ଏକ୍ସଟେନସନ୍‌ରୁ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୁଦ୍ଧରେ ସରକାରୀ ଗୁପ୍ତ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବ୍ୟବସ୍ଥା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା ।

## ଚାରି ପୁଅକୁ ଜାବୁଡି ଧରି ଟ୍ରେନ ଟ୍ରାକରେ ଶୋଇପଡିଲା ବାପା, ଘଟଣାସ୍ଥଳରେ ୫ ମୃତ

ହରିଆଣା : ହରିୟାଣା ଫରିଦାବାଦରେ ୪ ପିଲାଙ୍କୁ ଧରି ଟ୍ରେନ ଆଗକୁ ଡେଇଁପଡିଲା ବାପା । ପିଲାଙ୍କ ସହିତ ଜୀବନ ହାରିବା ପୂର୍ବରୁ ସେମାନଙ୍କୁ ଥଣ୍ଡା ପାନୀୟ ଏବଂ ଚିପ୍ସ ଖାଇବାକୁ ଦେଇଥିଲା । ୧୦ ଜୁନରେ ହରିୟାଣାର ଫରିଦାବାଦର ବଲ୍ଲଭଗଡ଼ ରେଳ ଷ୍ଟେସନ୍ ନିକଟରେ ଏକ ଘଟଣା ଘଟିଛି, ଯାହା ସମସ୍ତଙ୍କ ହୃଦୟକୁ ଥରାଇ ଦେଇଛି । ବିହାରର ଲକ୍ଷ୍ମୀସରାଇର ବାସିନ୍ଦା ୪୫ ବର୍ଷୀୟ ମନୋଜ ମାହାତୋ ୪ ପୁଅଙ୍କୁ ଧରି ଟ୍ରେନ ଆଗକୁ ଡେଇଁ ଜୀବନ ହାରିଦେଇଥିବା ଖବର ମିଳିଛି ।



ମଙ୍ଗଳବାର ଦିନ ମନୋଜ ଏବଂ ତାଙ୍କ ପନ୍ତୀଙ୍କ ମଧ୍ୟରେ ସକାଳେ କୌଣସି କଥାକୁ ନେଇ ଝଗଡା ଲାଗିଥିଲା । ଝଗଡା ଲାଗି ସ୍ଥିତି ସ୍ୱାଭାବିକ ହେବା ପରେ ମନୋଜ ପିଲାଙ୍କୁ ଦରି ପାର୍କ ବୁଲାଇବାକୁ ବାହାନା କରି ଘରୁ ନେଇଯାଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ସେ ଦୁଇଟି ପିଲାଙ୍କୁ କାନ୍ଧରେ ଏବଂ ଦୁଇଟି ପିଲାଙ୍କୁ ହାତରେ ଧରି ରେଳ ଟ୍ରାକରେ ପହଞ୍ଚିଥିଲେ । ମନୋଜ ପିଲାମାନଙ୍କୁ ଧରି ଟ୍ରେନ୍ ଟ୍ରାକକୁ ଡେଇଁ ପଡ଼ିଥିଲେ ।ପିଲାମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ ହେଁ ମନୋଜ ସେମାନଙ୍କୁ ଜାବୁଡି ଧରିଥିଲେ । ଫଳରେ ଟ୍ରେନରେ ଧକ୍କା ଦେବା ପରେ ପାଞ୍ଚ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ମନୋଜଙ୍କ ବୟନ ୪୫ ବର୍ଷ ରହିଥିବା ବେଳେ ୪ ପୁଅଙ୍କ ବୟସ ଯଥାକ୍ରମେ ୧୦, ୯, ୫, ୩ ବର୍ଷ ରହିଥିଲା । ଟ୍ରେନର ଲୋକୋ ପାଇଲଟ୍ ତୁରନ୍ତ ଏ ବିଷୟରେ ସୂଚନା ଦେଇଥିଲେ, ଯାହା ପରେ ଏଜଚ ଘଟଣାସ୍ଥଳରେ ପହଞ୍ଚିଥିଲା । ମୃତଦେହଗୁଡ଼ିକୁ ରେଳବାଇ ଟ୍ରାକରୁ ବାହାର କରି ପୋଷ୍ଟମର୍ଟମ ପାଇଁ ସିଭିଲ୍ ହସ୍ପିଟାଲକୁ ପଠାଯାଇଥିଲା । ମନୋଜଙ୍କ ପକେଟରୁ ମିଳିଥିବା ଏକ ସ୍ଲିପ୍ ଆଧାରରେ ମନୋଜଙ୍କ ପତ୍ନୀଙ୍କୁ ସୂଚନା ଦିଆଯାଇଥିଲା, ଯେଉଁଥିରେ ତାଙ୍କ ସ୍ତ୍ରୀଙ୍କ ମୋବାଇଲ୍ ନମ୍ବର ଏବଂ ପିଲାମାନଙ୍କ ନାମ ଏବଂ ବୟସ ଲେଖାଯାଇଥିଲା । ତେବେ ପୋଲିସ ତଦନ୍ତ କରି ମାମଲାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଛି ।

## ଶେଷରେ ଟ୍ରମ୍ପଙ୍କୁ କ୍ଷମା ମାଗିଲେ ଏଲନ ମସ୍କ

ଓ୍ୱାଶିଂଟନ :ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଟେସଲାର ସିଇଓ ଏଲନ ମସ୍କ ଗତ କିଛି ଦିନ ଧରି ପରସ୍ପର ବିରୋଧରେ ଖୋଲାଖୋଲି କଥା କହୁଛନ୍ତି । ମସ୍କ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ସୋସିଆଲ ମିଡିଆ ପୋଷ୍ଟ ଶେୟାର କରିଥିଲେ, କିନ୍ତୁ ଏବେ ସେ କ୍ଷମା ପ୍ରାର୍ଥନା କରିଛନ୍ତି । ମସ୍କ ଏକ୍ସରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ଯାହା ଘଟିଲା ତାହା ବହୁତ ଅଧିକ ଥିଲା । ମସ୍କ ଏକ ପୋଷ୍ଟରେ ଟ୍ରମ୍ପଙ୍କୁ ସମାଲୋଚନା କରି କହିଥିଲେ, ସେ ମୋ ବିନା ନିର୍ବାଚନ ହାରି ଯାଇଥାନ୍ତେ । ମସ୍କ ଏକ୍ସ ପୋଷ୍ଟ ମାଧ୍ୟମରେ ତାଙ୍କ ପୋଷ୍ଟ ପାଇଁ ଦୁଃଖ ପ୍ରକାଶ କରିଥିଲେ । ସେ ଲେଖିଛନ୍ତି, ଗତ ସପ୍ତାହରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଷୟରେ ଶେୟାର କରାଯାଇଥିବା କିଛି ପୋଷ୍ଟ ପାଇଁ ମୁଁ ଦୁଃଖିତ । ଜିନିଷଗୁଡ଼ିକ ବହୁତ ଆଗକୁ ବଢ଼ିଯାଇଥିଲା । ମସ୍କ ଗତ ସପ୍ତାହରେ ଅନେକ ଆଶ୍ଚର୍ଯ୍ୟଜନକ ପୋଷ୍ଟ ଶେୟାର କରିଥିଲେ । ସେ ଜୋର ଦେଇ କହିଥିଲେ, ମୋ ବିନା ଟ୍ରମ୍ପ ନିର୍ବାଚନ ହାରି ଯାଇଥାନ୍ତେ । ମସ୍କ ସୋସିଆଲ ମିଡିଆ ମାଧ୍ୟମରେ ଟ୍ରମ୍ପଙ୍କ ବିରୋଧରେ ଅନେକ ଗମ୍ଭୀର ଅଭିଯୋଗ ମଧ୍ୟ କରିଥିଲେ ।

# ବେଓ୍ୱାଫା ସୋନମ ଓ ଧୋକାବାଜ ଶୁଭ





ନୂଆଦିଲ୍ଲୀ : ରାଜା ରଘୁବଂଶୀଙ୍କ ହତ୍ୟାକାଣ୍ଡ ତାଙ୍କ ପରିବାରକୁ ଅପୂରଣୀୟ ଶୋକରେ ବୁଡ଼ାଇଥିବା ବେଳେ ପୂରା ଦେଶ ସ୍ତବ୍ଧ ହୋଇ ଯାଇଛି । ହତ୍ୟାକାଣ୍ଡର ବିସ୍ତୃତ ତଥ୍ୟ ଅତ୍ୟନ୍ତ ବିଚଳିତ କରିବା ଭଳି । ରାଜାଙ୍କୁ ତାଙ୍କ ପନ୍ତୀ ହନିମୁନ ଟ୍ରିପ ନାଁରେ ମେଘାଳୟ ନେଇଥିଲେ । କିନ୍ତୁ ସେଠାରେ ରାଜାଙ୍କୁ ସୋନମ ତାଙ୍କ ପ୍ରେମିକ ଓ ୩ ସୁପାରି କିଲରଙ୍କ ଦ୍ୱାରା ହତ୍ୟା କରିଥିବା ଅଭିଯୋଗ ହୋଇଛି । ପ୍ରତି ଦିନ ରାଜାଙ୍କ ହତ୍ୟା ଘଟଣାକୁ ନେଇ ନୂଆ ନୂଆ ତଥ୍ୟ ମଧ୍ୟ ଆସୁଛି । ହେଲେ ଏହି ହତ୍ୟା ଘଟଣା ୨୦୦୩ ମସିହା ବେଙ୍ଗାଲୁରୁ ରିଙ୍ଗ ରୋଡ ମର୍ଡର ସ୍ମୃତିକୁ ତାଜା କରିଛି । ଧୋକାବାଜ ଶୁଭର ଭୟଙ୍କର ଷଡ଼ଯନ୍ତ୍ର କାହାଣୀ ପୁଣି ଦେଶ ମନେପକାଇଛି ।

୨୦୦୩ ରିଙ୍ଗ ରୋଡ ମର୍ଡର ଓ ଧୋକାବାଜ ଶୁଭ: ୨୦୦୩ ମସିହାରେ ଆଇନ ବିଭାଗର ୨୧ ବର୍ଷୀୟ ଛାତ୍ରୀ ଶୁଭ ଶଙ୍କରନାରାୟଣଙ୍କ ନିର୍ବନ୍ଧ ୨୭ ବର୍ଷୀୟ ସଫ୍ଟୱେୟାର ଇଞ୍ଜିନିୟର ବିଭି ଗିରିଶଙ୍କ ସହ ହୋଇଥିଲା । ସେହି ସମୟରେ ଗିରିଶ ମାସିକ ୧ ଲକ୍ଷ ଟଙ୍କା ଦରମା ପାଉଥିଲେ । ଗିରିଶ ଜଣେ ସାଦାସିଧା ଯୁବକ ଥିଲେ । ତାଙ୍କ ଆଚାର ବ୍ୟବହାର ଦ୍ୱାରା ସେ ସମସ୍ତଙ୍କୁ ନିଜର କରିପାରୁଥିଲେ । ନିର୍ବନ୍ଧ ବେଳେ ତାଙ୍କ ମୁହଁରୁ ଖୁସି ବାରି ମଧ୍ୟ ହୋଇ ପଡୁଥିଲା । ଶୁଭଙ୍କୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲା । ନିର୍ବନ୍ଧର ଗୋଟିଏ ବର୍ଷ ପରେ ସେ ଓ ଶୁଭ ସାତ ଜନ୍ମର ସାଥୀ ହୋଇଥାଆନ୍ତେ । ଶୁଭ ମଧ୍ୟ ଗୋଟିଏ ଭଲ ପରିବାରର ଝିଅ । ତାଙ୍କ ବାପା ଜଣେ ପ୍ରଖ୍ୟାତ ଓକିଲ ଭାବେ ଜଣାଶୁଣା । ନିର୍ବନ୍ଧ ବେଳେ ସବୁ କିଛି ଠିକ ଥିଲା । ହେଲେ ନଭେମ୍ବର ୩୦ ନିର୍ବନ୍ଧର ୩ ଦିନ ପରେ ଅର୍ଥାତ ଡିସେମ୍ବର ୩ରେ ଗିରିଶଙ୍କୁ ହତ୍ୟା କରାଯାଇଥିଲା । ଏହି ହତ୍ୟାକାଣ୍ଡକୁ ବେଶ ଯୋଜନାବଦ୍ଧ କାର୍ଯ୍ୟକାରୀ କରିଥିଲେ ଶୁଭ ।

କ'ଣ ଥିଲା ପୂରା ଘଟଣା: ବାହାଘର ପୂର୍ବରୁ ଦୁହେଁ ପରସ୍ପରକୁ ଭଲ ଭାବେ ବୁଝିବା ଦରକାର କଥା କହି ଶୁଭ ଭାବୀ ସ୍ୱାମୀ ଗିରିଶଙ୍କୁ ଗୋଟିଏ ରେଷ୍ଟୁରାଣ୍ଟକୁ ରାତ୍ର ଭୋଜନ ପାଇଁ ଡାକିଥିଲେ । ସେଠାରେ ସେମାନେ ଖାଇବା ସହ ବେଶ କିଛି ସମୟ ବିତାଇଥିଲେ । ଘରକୁ ଫେରିବା ବେଳେ ବେଶ ଚତୁରତାର ସହ ଶୁଭ ବିମାନ ଉଡ଼ାଣ ଓ ଅବତରଣ ନିକଟସ୍ଥ ହାଲ ଏୟାରପୋର୍ଟରେ ଦେଖି ବାକୁ ଚାହୁଁଥିବା ଗିରିଶଙ୍କୁ କହିଥିଲେ । ଗିରିଶ ମଧ୍ୟ ତୁରନ୍ତ ତାଙ୍କ କଥାରେ ରାଜି ହୋଇ ଏୟାରପୋର୍ଟ ନିକଟକୁ ଶୁଭଙ୍କୁ ନେଇ ଯାଇଥିଲା । କିନ୍ତୁ ସେମାନେ ରିଙ୍ଗ ରୋଡ ପାର କରୁଥିବା ବେଳେ ଗୋଟିଏ ଅନ୍ଧାରିଆ ରାସ୍ତା ପଡ଼ିଥିଲା । ହଠାତ୍ ? ସେଠାରେ କିଛି ଯୁବକ ସେମାନଙ୍କୁ ଅଟକାଇଥିଲେ । ଏହାପରେ ସେମାନେ ଗିରିଶଙ୍କୁ ପ୍ରବଳ ପିଟିଥିଲେ । ଘଟଣା ପଛରେ ଶୁଭ ଥିଲେ ହେଁ ନିଜକୁ ନିରୀହ ବୋଲି ପ୍ରମାଣିତ କରିବା ପାଇଁ ଆକ୍ରମଣର କିଛି ସମୟ ପରେ ଚିତ୍କାର କରିଥିଲେ । ସ୍ଥାନୀୟ ଲୋକମାନେ ଚିତ୍କାର ଶୁଣି ଆସି ଯିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇ ଯାଇଥିଲେ । କିନ୍ତୁ ସେତେବେଳକୁ ଗିରିଶଙ୍କ ଅବସ୍ଥା ଗୁରୁତର ହୋଇ ସାରିଥିଲା । ମୁଣ୍ଡରେ ଆଘାତ ଲାଗିଥିବା ଯୋଗୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଗିରିଶ ହସ୍ପିଟାଲରେ ଆଖି ବୁଜିଥିଲେ । ଗିରିଶଙ୍କ ପରିବାର ଲୋକ ପୁଲିସ୍‌ରେ ହତ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ ହେଁ ଏନେଇ କୌଣସି ବିଧିବଦ୍ଧ ପ୍ରମାଣ ମିଳି ନଥିଲା । ଗିରିଶଙ୍କ କାହା ସହ କୌଣସି ଶତ୍ରୁତା ବା ବିବାଦ ନଥିବାରୁ ପୁଲିସ୍‌ର ତଦନ୍ତ ଆଗକୁ ଯାଇ ପାରି ନଥିଲା । ପୁଲିସ ଶେଷରେ ଗିରିଶ ଓ ଶୁଭଙ୍କ ନିର୍ବନ୍ଧ ବେଳର ଭିଡିଓ ଦେଖିବା ଆରମ୍ଭ କରିଥିଲା । ଏତିକି ବେଳେ ଜଣାପଡ଼ିଥିଲା ଯେ ଗିରିଶଙ୍କ ସହ ବିବାହ କରିବାକୁ ଶୁଭ ଚାହୁଁ ନଥିଲେ । ତାଙ୍କ ମୁହଁରୁ ନିର୍ବନ୍ଧ ଦିନ ଏହା ସ୍ପଷ୍ଟ ବାରି ହୋଇ ପଡୁଥିଲା । ସେ କେବଳ ଘର ଲୋକଙ୍କ ଚାପରେ ବାହା ହେବାକୁ ରାଜି ହୋଇଥିବା ପୁଲିସ୍ ଜାଣିବାକୁ ପାଇଥିଲା । ବାସ ଏହାକୁ ଆଧାର କରି ପୁଲିସ ପୁଣିଥରେ ଗିରିଶ ହତ୍ୟାକାଣ୍ଡର ଫାଇଲ ଖୋଲିଥିଲା । ଶୁଭ ଦେଇଥିବା ବୟାନକୁ ଭଲ ଭାବେ ଅନୁଧ୍ୟାନ କରିଥିଲା । ଶୁଭ କହିଥିବା କାହାଣୀ ପୁଲିସ୍‌କୁ ସନ୍ତୁଷ୍ଟ କରି ପାରି ନଥିଲା । ଅଧିକ ଯାଞ୍ଚରୁ ଜଣାପଡ଼ିଥିଲା ଯେ ଗିରିଶ ମୃତ୍ୟୁ ଦିନ ସେ ୭୩ଟି କଲ କରିଥିଲେ । ସେହିପରି ଶତାଧିକ ମେସେଜ ତାଙ୍କ କଲେଜର ଜୁନିୟର ଅରୁଣ ବର୍ମାଙ୍କ ପାଖକୁ ପଠାଇଥିଲେ । ପୁଲିସ୍ ଅରୁଣଙ୍କୁ ଜେରା ଆରମ୍ଭ କରିଥିଲା । ପ୍ରଥମେ ସେ ଘଟଣା ଦିନ ସହର ବାହାରେ ଥିବା ପୁଲିସ୍‌କୁ କହିଥିଲେ । କିନ୍ତୁ ଅରୁଣ ଘଟଣା ଦିନ ଗିରିଶଙ୍କୁ ଆକ୍ରମଣ କରାଯାଇଥିବା ସ୍ଥାନରେ ଉପସ୍ଥିତ ଥିଲେ ବୋଲି ପୁଲିସ୍ ତାଙ୍କ ମୋବାଇଲ ଲୋକେସନରୁ ଜାଣିବାକୁ ପାଇଥିଲା । ପୁଲିସ୍ ଗିରିଶ ହତ୍ୟା ଘଟଣାରେ ପ୍ରଥମେ ମୋବାଇଲ ଲୋକେସନ ଓ କଲ ରେକର୍ଡର ତଥ୍ୟ କୋର୍ଟରେ ହାଜର କରିଥିଲା । ଏଥିସହ ଶୁଭ ଓ ଅରୁଣଙ୍କୁ ଘନଘନ ଜେରା କରିଥିଲା । ଶେଷରେ ସେମାନେ ଗିରିଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ । ଏହା ପଛର କାରଣ ଥିଲା ପ୍ରେମ । ଅରୁଣ ଓ ଶୁଭ ପରସ୍ପରକୁ ଭଲ ପାଇଥିଲେ । କିନ୍ତୁ ଶୁଭଙ୍କ ବାପା ଏହି ସମ୍ପର୍କକୁ ଗ୍ରହଣ କରୁ ନଥିଲେ । ଶୁଭଙ୍କୁ ତାଙ୍କ ଘର ଲୋକ ଗିରିଶଙ୍କ ସହ ବାହା ଦେବାକୁ ନିଷ୍ପତ୍ତି ନେଇଥିଲେ । ଏଥିଯୋଗୁ ଶୁଭ ଓ ଅରୁଣ ମିଳିତ ଭାବେ ଗିରିଶଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ।

ଯୋଜନା ଅନୁସାରେ ସେମାନେ ଆଉ ୨ ଜଣଙ୍କ ଟଙ୍କା ଦେଇ ନିଜ ସହ ସାମିଲ କରିଥିଲେ । ୨୦୦୨୩ ମସିହା ଡିସେମ୍ବର ୩ରେ ସେମାନେ ଗିରିଶଙ୍କୁ ରିଙ୍ଗ ରୋଡ ନିକଟରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ପୁଲିସ୍ ଶୁଭ ଓ ତାଙ୍କର ସହଯୋଗୀମାନଙ୍କୁ ୨୦୦୪ ମସିହା ଜାନୁଆରୀ ୨୫ରେ ଗିରଫ କରିଥିଲା । ୨୦୦୭ ଡିସେମ୍ବର ୧୯ରୁ ଫାଷ୍ଟଟ୍ରାକ କୋର୍ଟରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା । ୨୦୧୦ ମସିହା ଜୁଲାଇ ମାସରେ ଫାଷ୍ଟଟ୍ରାକ କୋର୍ଟ ଶୁଭ ଓ ଅନ୍ୟମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । କୋର୍ଟ ପ୍ରଥମେ ସମସ୍ତ ୪ ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ । ଶୁଭ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହା ବିରୋଧରେ ସେ କର୍ଣ୍ଣାଟକା ହାଇକୋର୍ଟରେ ଆବେଦନ କରିଥିଲେ ହେଁ ଏହା ଖାରଜ ହୋଇଯାଇଥିଲା । କିନ୍ତୁ ସୁପ୍ରିମକୋର୍ଟ ୨୦୧୪ରେ ଶୁଭଙ୍କୁ ଜାମିନ ଦେଇଥିଲା । ଏଥିଯୋଗୁ ସେ ଏବେ ଜେଲ ବାହାରେ ରହିଛନ୍ତି ।

ମେଘାଳୟରେ କ'ଣ ଘଟିଥିଲା ?: ମେ' ୧୧ରେ ରାଜାଙ୍କୁ ବାହା ହେବାର ମାତ୍ର କିଛି ଦିନ ପରେ ସୋନମ ତାଙ୍କୁ ହତ୍ୟା କରିବା ପାଇଁ ପ୍ରେମିକ ରାଜଙ୍କ ସହ ମିଶି ଯୋଜନା କରିଥିଲେ । ବାହାଘରର ୯ ଦିନ ପରେ ସୋନମ ଓ ରାଜା ମେଘାଳୟକୁ ହନିମୁନ ଟ୍ରିପରେ ଯାଇଥିଲେ । ଦିନକ ପରେ ସେମାନେ ମେଘାଳୟର ରାଜଧାନୀ ଶିଲଂରେ ପହଞ୍ଚିଥିଲେ । ମେ' ୨୧ ତାରିଖରେ ରାଜର ପିଲା ଦିନର ବନ୍ଧୁ ଆକାଶ, ଆନନ୍ଦ ଓ ବିକାଶ ଇନ୍ଦୋରରୁ ରାଜାଙ୍କୁ ହତ୍ୟା କରିବା ପାଇଁ ଗୁହାଟୀ ଆସିଥିଲେ । ସେଠାରୁ ସେମାନେ ଶିଲଂ ଗସ୍ତ କରିଥିଲେ । ହତ୍ୟାକାଣ୍ଡ ମେ' ୨୩ରେ ହୋଇଥିଲା । ଅପରାଧ ଘଟିଥିବା ସ୍ଥାନରୁ ୧୦ କିମି ଦୂରରେ ସୋନମକୁ ଦେଖିବାକୁ ମିଳିଥିଲା । ଏହାପୂର୍ବରୁ ରାଜାଙ୍କୁ ହତ୍ୟା କରାଯାଇ ସାରିଥିଲା । ସୋନମ ନିଜେ ହିଁ ୩ ସୁପାରୀ କିଲ ?ଙ୍କୁ ଚିତ୍କାର କରି ରାଜାଙ୍କୁ ମାରିବାକୁ ନିର୍ଦ୍ଦେଶ ଦେଇଥିଲେ । ହତ୍ୟାକାଣ୍ଡ ପରେ ସୋନମ ଓ ୩ ହତ୍ୟାକାରୀ ଘଟଣାସ୍ଥଳର ୧୧ କିମି ଦୂରରେ ଏକାଠି ହୋଇଥିଲେ । ରାଜ ମେଘାଳୟ ଯାଇ ନଥିଲେ । କିନ୍ତୁ ସେ ନିୟମିତ ଭାବେ ସୋନମ ଯୋଗାଯୋଗରେ ଥିଲେ । ସୋନମ ସେଠାରୁ ଗୁହାଟୀ ଯାଇଥିଲେ । ଗୁହାଟୀରୁ ଟ୍ରେନ ଯୋଗେ ଇନ୍ଦୋରରେ ପହଞ୍ଚିଥିଲେ । ମେ' ୨୫ରେ ସେ ଇନ୍ଦୋରରେ ପହଞ୍ଚି ରାଜଙ୍କୁ ଦେଖା ହୋଇଥିଲେ । ରାଜ ତାଙ୍କ ପାଇଁ ଭଡ଼ାରେ ରହିବାକୁ ଗୋଟିଏ ରୁମ ବ୍ୟବସ୍ଥା କରିଥିଲେ । କିନ୍ତୁ ଦୁଇ ଜଣ ଏକାଠି ରହି ନଥିଲେ । ରାଜ ନିକଟସ୍ଥ ହୋଟେଲରେ ରହିଥିଲେ । ପରବର୍ତ୍ତୀ ଅବସ୍ଥାରେ ରାଜ ଓ ତାଙ୍କର ସହଯୋଗୀମାନେ ସୋନମଙ୍କ ପାଇଁ ଗୋଟିଏ କାରର ବ୍ୟବସ୍ଥା କରିଥିଲେ । ଉକ୍ତ କାରରେ ସେ ଉତ୍ତର ପ୍ରଦେଶ ଯାଇଥିଲେ । ଜୁନ ୮ ବିଳମ୍ବିତ ରାତିରେ ସୋନମ ବେଶ ଯୋଜନାବଦ୍ଧ ଭାବେ ନିଜେ ପୀଡ଼ିତା ବୋଲି ସମସ୍ତଙ୍କୁ ଜଣାଇବା ପାଇଁ ଗାଜିପୁର ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ । ତାଙ୍କ ଦେହରେ ଜ୍ୱର ମଧ୍ୟ ରହିଥିଲା । ପୁଲିସ୍ ନିକଟରେ ସୋନମ ନିଜକୁ ପୀଡ଼ିତା ଭାବେ ଚିତ୍ରିତ କରିଥିଲେ । ତାଙ୍କୁ ନିଶା ଦିଆଯାଇ ଏଠାକୁ ଅଣାଯାଇଥିବା ସେ ଦାବି କରିଥିଲେ । ସୋନମ ଏକଥା ନିଜ ପରିବାର ଲୋକଙ୍କୁ ମଧ୍ୟ ଜଣାଇଥିଲେ । ସୋମବାର ଭୋର ପ୍ରାୟ ୩ଟା ବେଳେ ସୋନମ ନିଜ ପରିବାର ଲୋକଙ୍କୁ ଫୋନ କରି ସେ ଗାଜିପୁର-ବାରାଣସୀ ରୋଡରେ ଥିବା ଗୋଟିଏ ଢାବାରେ ରହିଥିବା ଜଣାଇଥିଲେ । ତାଙ୍କ ପରିବାର ତୁରନ୍ତ ଏସମ୍ପର୍କରେ ମଧ୍ୟପ୍ରଦେଶ ପୁଲିସ୍‌କୁ ଅବଗତ କରାଇଥିଲେ । ମଧ୍ୟପ୍ରଦେଶ ପୁଲିସ୍ ଉତ୍ତର ପ୍ରଦେଶ ପୁଲିସ ଓ ଉତ୍ତର ପ୍ରଦେଶ ପୁଲିସ୍ ସ୍ଥାନୀୟ ପୁଲିସ୍‌କୁ ଜଣାଇବାରୁ ସୋନମ ଗିରଫ ହୋଇଥିଲେ । ସେ ନିଜକୁ ପୀଡ଼ିତା ଭାବେ ସଜାଇ ଖସି ଯିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେ ବିଫଳ ହୋଇଛନ୍ତି ।

